# YUVA EXPLORERS

Issue 3 | August 2026
ODIA




## ସ୍ୱାଧୀନତା ସ୍ୱତନ୍ତ୍ର ସଂସ୍କରଣ

ଅନେକ ବର୍ଷ ଧରି, ଭାରତର ଇତିହାସ ଏକ ପାଶ୍ଚାତ୍ୟ, ଔପନିବେଶିକ ଚିନ୍ତାଧାରାରେ ଲେଖାଯାଇଥିଲା, ଯାହା ଘଟଣାଗୁଡ଼ିକର ବ୍ୟାଖ୍ୟା ଏବଂ ବୁଝାମଣାକୁ ଏକ ରୂପ ଦେଇଥିଲା ଏବଂ ଆଜିକା ସମୟରେ ଆମେ ଆମ ଦେଶକୁ ନେଇ କିପରି ଭାବନା ରଖୁଛୁ ତାକୁ ମଧ ପ୍ରଭାବିତ କରିଅଛି। ଏଥିଯୋଗୁଁ ଅନେକ କାହାଣୀ ଅସମ୍ପୂର୍ଣ୍ଣ ମନେ ହେଉଥିଲା। ଆଜି, ଆମେ ଆମର ଇତିହାସକୁ ଆମ ନିଜ ଶବ୍ଦରେ ବୁଣିବାର ସୁଯୋଗକୁ ଉତ୍ସାହର ସହିତ ପାଳନ କରୁଛୁ।

**ଆମେ ହେଉଛୁ ଫାଉଣ୍ଡେସନ୍ ଫର ଇଣ୍ଡିଆନ୍ ହିଷ୍ଟୋରିକାଲ୍ ଆଣ୍ଡ କଲ୍‌ଚରାଲ୍ ରିସର୍ଚ୍ଚ (ସଂକ୍ଷେପରେ FIHCR) ଟିମ୍। ଆମେ ଆମ ଦେଶର ସମୃଦ୍ଧ ଇତିହାସ, ଆକର୍ଷଣୀୟ ପରମ୍ପରା ଏବଂ ଏ ଦେଶର ପ୍ରଭାବଶାଳୀ ନାୟକମାନଙ୍କର ଖୋଜ କରି ଏବଂ ସେମାନଙ୍କର ବଡ଼ିମା ଗୁଣଗାନ୍ କରିବାରେ ସାହାଯ୍ୟ କରୁ।**

ଆପଣ ଆମର ଯୁଭା (YUVA) କାର୍ଯ୍ୟକ୍ରମ ବିଷୟରେ ଅବଗତ କି? ଯଦି ଆପଣଙ୍କ ବୟସ ୬ ରୁ ୧୮ ବର୍ଷ ମଧ୍ୟରେ, ତେବେ YUVA ଆପଣଙ୍କ ପାଇଁ ହିଁ ପ୍ରସ୍ତୁତ କରାଯାଇଛି! ଇତିହାସକୁ ଆପଣଙ୍କ ପାଇଁ ମଜାଦାର କରିବା ହିଁ ଆମର ମୂଳ ଲକ୍ଷ୍ୟ। ପ୍ରତି ତିନି ମାସରେ, ଏହି ପତ୍ରିକା ମାଧ୍ୟମରେ, ଆମେ ଆପଣଙ୍କୁ ଇତିହାସ ଭିତରକୁ ଝାଙ୍କିବାର ସୁଯୋଗ ଦେବୁ। ଆମେ ଭାରତର ରୋମାଞ୍ଚକର, ଲୁକ୍କାୟିତ ଅଂଶଗୁଡ଼ିକୁ ଅନୁସନ୍ଧାନ କରିବୁ ଏବଂ ଅଖ୍ୟାତ ବୀର ଏବଂ ଜନନାୟକମାନଙ୍କ ବିଷୟରେ ଅବଗତ କରାଇବୁ, ଯେଉଁମାନେ ଆମ ଦେଶ ଗଠନରେ ସାହାଯ୍ୟ କରିଥିଲେ। ଶିଖିବା ଏବଂ ଉପଭୋଗ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ!

## ପ୍ରତିଷ୍ଠାତାଙ୍କ ବାର୍ତ୍ତା

FIHCR ଏକ ସରଳ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା: ଭାରତକୁ ନିଜର କାହାଣୀକୁ ନିଷ୍ଠା ଏବଂ କଠୋରତା ସହିତ ପୁନର୍ବାର ଆବିଷ୍କାର କରିବାକୁ ଉତ୍ସାହିତ କରିବା ପାଇଁ। ଆମର ପିଲାମାନେ ଏପରି କାହାଣୀ ଜାଣିବା ଯୋଗ୍ୟ ଯାହା ଜୀବନ୍ତ, ଯାହା କଳ୍ପନା, ସାହସ, ପାଣ୍ଡିତ୍ୟ ଏବଂ ଐତିହ୍ୟ ବିଷୟରେ ସୂଚନା ପ୍ରଦାନ କରେ। ଯେତେବେଳେ ଯୁବ ମସ୍ତିଷ୍କ ଅନୁସନ୍ଧାନ ଏବଂ ରୋମାଞ୍ଚ ମାଧ୍ୟମରେ ଇତିହାସ ସହିତ ଜଡ଼ିତ ହୁଏ, ସେମାନେ ଶକ୍ତି ଏବଂ ସ୍ପଷ୍ଟତା ଉପରେ ଆଧାରିତ ଏକ ଭବିଷ୍ୟତ ଗଠନ କରନ୍ତି।
YUVA ସେହି ଭାବନାକୁ ଉତ୍ସାହର ସହିତ ପାଳନ କରେ। ଏହା ଛାତ୍ରଛାତ୍ରୀମାନଙ୍କୁ ଅଜଣା ପଥ ଅନୁସନ୍ଧାନ କରିବାକୁ, ନିର୍ଭୟରେ ପ୍ରଶ୍ନ ପଚାରିବାକୁ ଏବଂ ଅତୀତ ସହିତ ସେମାନଙ୍କର ନିଜର ସମ୍ପର୍କ ବିଷୟରେ ଅବଗତ ହେବାର ସୁଯୋଗ ଦିଏ। ଏହି କାର୍ଯ୍ୟ ଅତ୍ୟଧିକ ଆନନ୍ଦଦାୟକ କାରଣ ଇତିହାସ କେବେ ବି ସ୍ଥିର ନୁହେଁ। ସବୁବେଳେ କିଛି ନୂଆ ଖୋଜ୍ ମିଳିବାର ସମ୍ଭାବନା ଥାଏ।
ଶିକ୍ଷା ଏବଂ ପୁନଃ ଆବିଷ୍କାରର ଏହି ଯାତ୍ରାରରେ ଭାଗ ଦେଇଥିବାରୁ ଧନ୍ୟବାଦ।



**DR. VIKRAM SAMPATH**
ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ, FIHCR
ଲେଖକ, ଐତିହାସିକ, ଫେଲୋ ଅଫ୍ ଦ ରୟାଲ୍ ହିଷ୍ଟୋରିକାଲ୍ ସୋସାଇଟି, ୟୁକେ



# ନମସ୍କାର, ମୋର ସାଥୀ ଅନ୍ୱେଷକଗଣ!

ସେହି ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ କାଉ ଯିଏ ଶତାବ୍ଦୀ ଶତାବ୍ଦୀ ଧରି ଆକାଶରୁ ଭାରତର ଇତିହାସକୁ ଗଢ଼ିଉଠିଥିବାର ଦେଖିଆସିଛି।

ଆଉ ଗୋଟେ କଥା କହୁଛି ଶୁଣ: ଏତେ ବର୍ଷ ଧରି ଭାରତର ଆକାଶରେ ଉଡ଼ିଲା ବେଳେ ମୁଁ ଯେତେ ସାହସୀ ଲୋକଙ୍କୁ ଦେଖିଛି, ସେମାନଙ୍କ ଭିତରୁ ଅନେକ ଥିଲେ ମହିଳା।

**ରାଣୀ, ଯୋଦ୍ଧା, ବିପ୍ଳବୀ ଆଉ ଜେଜେମାଆମାନେ ବି! ଯେତେବେଳେ ଦେଶ ଡାକିଲା, ସେମାନେ ସମସ୍ତେ ବାହାରି ଆସିଲେ।**

ଏହି ସଂସ୍କରଣରେ, ଆମେ ପାଇଁ ପୂରା ଭାରତ ବୁଲି ବ୍ରିଟିଶ୍ ଶାସନକୁ ବିରୋଧ କରିଥିବା କିଛି ଅସାଧାରଣ ମହିଳାଙ୍କୁ ଭେଟିବା। ଆମର ଏହି ଯାତ୍ରାରେ ରହିଛି ସାହସ, ଚତୁର ରଣନୀତି ଆଉ ନିର୍ଭୟ ସଂଗ୍ରାମର ଅନେକ କାହାଣୀ। ଆମେ ଯୁଦ୍ଧକ୍ଷେତ୍ର ଉପରେ ଉଡ଼ିବା, ଚିଠି ଆଉ ଡାଏରୀ ପଢ଼ିବା, ଗୋଟେ ଲାଇଭ୍ ରିପୋର୍ଟ ଶୁଣିବା, ଆଉ ମୁଁ ଗୋଟେ ସ୍ୱତନ୍ତ୍ର ଟକ୍ ସୋ' ମଧ୍ୟ ଆୟୋଜନ କରିବି! ତୁମେମାନେ ରାସ୍ତାରେ କ'ଣ ସବୁ ଶିଖିଲ, ତାହା ପରୀକ୍ଷା କରିବା ପାଇଁ ମଜାଦାର ଖେଳ, ଢଗଢମାଳି ଆଉ ଚ୍ୟାଲେଞ୍ଜ୍ ସବୁ ମଧ୍ୟ କରିପାରିବ।

ଶେଷରେ, ଟିଚର୍ସ କର୍ଣ୍ଣର୍ ଆମକୁ ଶିବଗଙ୍ଗା ନେଇଯିବ। ସେଠାରେ ଆମେ ରାଣୀ ଭେଲୁ ନାଚିୟାର୍ ଆଉ ତାଙ୍କର ସାହସୀ ସେନାପତି କୁଇଲିଙ୍କ କାହାଣୀ ଜାଣିବା। ଆସ, ଏହି ଅଳ୍ପ ଜଣାଶୁଣା ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଜାଣିବା, ଯାହାଙ୍କ ସାହସର କାହାଣୀ ଇତିହାସ ପୃଷ୍ଠାରେ ଲୁଚି ରହିଯାଇଛି।

ତେଣୁ, ମୋର ସାଥୀ ଅନ୍ୱେଷକମାନେ, ନିଜର ଡେଣା ମେଲା କର! ଆମ ପାଇଁ ଅନେକ କାହାଣୀ, ଅନେକ ହିରୋ ଆଉ ବହୁତ ସାରା ଇତିହାସ ଅପେକ୍ଷା କରି ରହିଛି। ନିଜ ଆଖି ଖୋଲା ରଖ, ଜାଣିବାର ଇଚ୍ଛାକୁ ଜାଗ୍ରତ ରଖ, ଆଉ ଦେଖ ଏହି ଯାତ୍ରାରେ ତୁମେ କେତେ ନୂଆ କଥା ଶିଖୁଛ!

- କବି, ମୁଖ୍ୟ ଅନ୍ୱେଷକ



# ୧୮୨୪ ମସିହାରୁ ଏକ ଶାହୀ ଚିଠି ଆସି ପହଞ୍ଚିଛି!



କାଆ! କାଆ! ମୋର ସାଥୀ ଅନ୍ୱେଷକଗଣ, ଦେଖ ମୁଁ କ'ଣ ପାଇଲି!
ମୁଁ ୧୮୨୪ ମସିହାରେ କର୍ଣ୍ଣାଟକର କିତ୍ତୁର୍ ଉପରେ ଉଡୁଥିଲି, ସେତେବେଳେ ଗୋଟେ ବହୁତ ମହତ୍ତ୍ୱପୂର୍ଣ୍ଣ ଚିଠି ଉପରେ ମୋ ନଜର ପଡ଼ିଲା। ଆଉ ଭାବିଲ ଦେଖି ଏହାକୁ କିଏ ଲେଖିଛନ୍ତି? ନିଜେ ରାଣୀ ଚେନ୍ନମ୍ମା!
ମୁଁ ଏହାକୁ ମୋ ଡେଣା ତଳେ ସୁରକ୍ଷିତ ଭାବେ ଲୁଚେଇ ରଖିଲି, ଆଉ ସମୟର ଚକକୁ ପଛରେ ପକାଇ ଉଡ଼ିଆସିଲି ସିଧା ଆପଣଙ୍କ ପାଖକୁ। ଆଚ୍ଛା, ଏବେ ଆଉ ଅପେକ୍ଷା କାହିଁକି? ଚିଠିଟି ଖୋଲନ୍ତୁ ଏବଂ ରାଣୀ ଚେନ୍ନାମ୍ମାଙ୍କ କାହାଣୀ ତାଙ୍କରି ନିଜ ମୁହଁରୁ ଶୁଣନ୍ତୁ!

ମୋର ସାହସୀ କୁନି ସାଙ୍ଗମାନେ,

ମୁଁ ଭାବୁଛି, ଏହି ଚିଠି ତୁମ ପାଖରେ ପହଞ୍ଚିବା ବେଳକୁ ଅନେକ ବର୍ଷ ବିତିଯାଇଥିବ। ହୁଏତ ତୁମ ସମୟର କିତ୍ତୁର୍, ମୁଁ ରହୁଥିବା କିତ୍ତୁର୍‌ଠାରୁ ବହୁତ ଅଲଗା ଦେଖାଯାଉଥିବ।

ତୁମେମାନେ ହୁଏତ ଆଗରୁ ମୋ ନାଁ ଜାଣିଥିବ। ଆସ, ମୋର ଯାତ୍ରା କେମିତି ଆରମ୍ଭ ହେଲା, ସେ ବିଷୟରେ ମୁଁ ତୁମକୁ କହୁଛି।

କିତ୍ତୁରର ରାଣୀ ହେବାର ବହୁ ପୂର୍ବରୁ, ମୁଁ କାକାତି ଗାଁରେ ଜନ୍ମ ହୋଇଥିବା ଗୋଟେ ସାଧାରଣ ଝିଅ ଥିଲି। ପିଲାଦିନେ ମୁଁ ଘୋଡ଼ା ଚଢ଼ିବା, ତୀର ଚଳାଇବା ଆଉ ଖଣ୍ଡା ବୁଲାଇବା ଶିଖିଥିଲି। ମୁଁ କେବେବି ଭାବି ନଥିଲି ଯେ ଦିନେ ଏହି ସବୁ କୌଶଳ ମୋ ରାଜ୍ୟକୁ ରକ୍ଷା କରିବାରେ ମୋତେ ସାହାଯ୍ୟ କରିବ।

ଦିନେ, ଯେତେବେଳେ ମୁଁ ଶିକାର କରିବାକୁ ଯାଇଥିଲି, ରାଜା ମଲ୍ଲସର୍ଜା ମୋର ସାହସ ଦେଖିଥିଲେ। ଖୁବ୍ ଶୀଘ୍ର ଆମର ବାହାଘର ହୋଇଗଲା, ଆଉ ମୁଁ କିତ୍ତୁରର ରାଣୀ ହେଲି। ଜଣେ ରାଣୀ ଭାବରେ, ମୁଁ ରାଜ୍ୟର କାମରେ ବହୁତ ଜଡ଼ିତ ହୋଇଗଲି, ଲୋକଙ୍କ ସମସ୍ୟା ଶୁଣିଲି ଆଉ ଆମେ ସମସ୍ତେ ଭଲ ପାଉଥିବା ଏହି ମାଟିକୁ କେମିତି ରକ୍ଷା କରାଯିବ ତାହା ଶିଖିଲି। ଏହି ଅଭିଜ୍ଞତାଗୁଡ଼ିକ ମୋତେ ଆଗକୁ ଆସିବାକୁ ଥିବା କଠିନ ସମୟ ପାଇଁ ପ୍ରସ୍ତୁତ କରିଥିଲା।
ମୋ ସ୍ୱାମୀଙ୍କ ଦେହାନ୍ତ ପରେ, କିତ୍ତୁର ପାଇଁ ଏକ କଠିନ ସମୟ ଆସିଲା। ସିଂହାସନ ପାଇଁ କୌଣସି ପ୍ରକୃତ ଉତ୍ତରାଧିକାରୀ ନଥିବାରୁ, ରାଜବଂଶକୁ ଆଗକୁ ବଢ଼ାଇବା ପାଇଁ ମୁଁ ଶିବଲିଙ୍ଗପ୍ପା ନାମକ ଗୋଟେ ଛୋଟ ପିଲାକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କଲି। କିନ୍ତୁ ଇଂରେଜ ଅଧିକାରୀମାନେ ଆମର ଉତ୍ତରାଧିକାରୀ ବାଛିବାର ଅଧିକାରକୁ ମାନିବାକୁ ମନା କରିଦେଲେ ଆଉ କିତ୍ତୁରକୁ ଦଖଲ କରିବାକୁ ଚେଷ୍ଟା କଲେ।



ଯଦି କିଏ ତୁମ ଘର ଛଡ଼ାଇ ନେବାକୁ ଚେଷ୍ଟା କରେ, ତେବେ ତୁମେ କ ଣ କରିବ?
ତୁମେ କ ଣ ଚୁପ୍ ରହିବ?

ମୁଁ ରହିପାରିଲି ନାହିଁ।
୧୮୨୪ ମସିହାରେ, କିତ୍ତୁର ବ୍ରିଟିଶ୍ ସୈନ୍ୟମାନଙ୍କ ବିରୋଧରେ ଠିଆ ହେଲା। ମୋର ସୈନିକ ଏବଂ ଲୋକମାନେ ବୀରତ୍ୱର ସହ ଲଢ଼ିଲେ, ଏବଂ ଆମେ ପ୍ରଥମ ଯୁଦ୍ଧ ଜିତିଲୁ। କିଛି ସମୟ ପାଇଁ, ଆମ ଦୁର୍ଗ ଦୀପ ଆଲୁଅରେ ଝଲସି ଉଠିଲା ଏବଂ ବିଜୟର ଶବ୍ଦରେ ପ୍ରତିଧ୍ୱନିତ ହେଲା।

ପୁଣିଥରେ, ବ୍ରିଟିଶମାନେ ଏକ ବହୁତ ବଡ଼ ସୈନ୍ୟବାହିନୀ ଧରି ଫେରିଲେ, ଏବଂ କିତ୍ତୁରର ଲୋକମାନେ ନିଜର ସମସ୍ତ ସାହସ ସହିତ ଲଢ଼ିଲେ। ତଥାପି, ଏଥର ଆମ ଦୁର୍ଗକୁ ଦଖଲ କରିନିଆଗଲା। ମୋତେ ବନ୍ଦୀ ଭାବରେ ବୈଲହୋଙ୍ଗଲ୍ ଦୁର୍ଗକୁ ନିଆଗଲା।
ଜେଲର କାନ୍ଥଗୁଡ଼ିକ ମୋତେ ଅଟକାଇ ରଖିପାରିଲା, କିନ୍ତୁ ସେଗୁଡ଼ିକ କିତ୍ତୁରର ଆତ୍ମାକୁ ବନ୍ଦୀ କରିପାରିଲା ନାହିଁ। ଅନ୍ୟମାନେ ବିରୋଧ ଜାରି ରଖିଲେ, ଏବଂ ସ୍ୱାଧୀନତାର ଆଶା ବଞ୍ଚି ରହିଲା।

ବୋଧହୁଏ ସେଥିପାଇଁ ମୋର କାହାଣୀ ତୁମ ପାଖରେ ପହଞ୍ଚିପାରିଛି।

ତୁମକୁ ହୁଏତ କେବେ କୌଣସି ଦୁର୍ଗକୁ ରକ୍ଷା କରିବାକୁ ପଡ଼ିନପାରେ।
କିନ୍ତୁ ଏମିତି କିଛି ମୁହୂର୍ତ୍ତ ଆସିବ ଯେତେବେଳେ ତୁମକୁ ସ୍ଥିର କରିବାକୁ
ପଡ଼ିବ ଯେ ତୁମେ ଚୁପ୍ ରହିବ ନା ଠିକ୍ କଥା ପାଇଁ ଠିଆ ହେବ।

ଯେତେବେଳେ ସେହି ମୁହୂର୍ତ୍ତ ଆସିବ, ମୁଁ ଆଶା କରୁଛି କିତ୍ତୁରର ଆତ୍ମା
ଏବଂ ସାହସ ତୁମକୁ ପଦକ୍ଷେପ ନେବାକୁ ପ୍ରେରଣା ଦେବ।

ସାହସର ସହିତ,

କିତ୍ତୁର ରାଣୀ ଚେନ୍ନମ୍ମା



# ତୁମ ପାଳି: କିତ୍ତୁରକୁ ଗୋଟେ ଫେରନ୍ତା ଚିଠି!

ରାଣୀ ଚେନ୍ନମ୍ମାଙ୍କ ଚିଠିଟି ତୁମ ପାଖରେ ପହଞ୍ଚିବା ପାଇଁ ପାଖାପାଖି ୨୦୦ ବର୍ଷର ଯାତ୍ରା କରିଛି। ଏବେ ଭାବିଲ ଦେଖି, ଯଦି ତୁମେ ୧୮୨୪ ମସିହାରେ କିତ୍ତୁରକୁ ଗୋଟେ ଉତ୍ତର ପଠାଇପାରନ୍ତ।

ତୁମେ ତାଙ୍କୁ କ'ଣ ଲେଖନ୍ତ?

ପ୍ରିୟ ରାଣୀ ଚେନ୍ନମ୍ମା,

ଆପଣଙ୍କ କାହାଣୀ ମୋତେ ଏହା ଶିଖାଇଲା ଯେ________________________।

ଯଦି ମୁଁ ଆପଣଙ୍କୁ ଭେଟିପାରନ୍ତି, ତେବେ ମୁଁ ପଚାରନ୍ତି ____________________।

ମୁଁ ସାହସ ଦେଖାଇବାକୁ ପ୍ରତିଜ୍ଞା କରୁଛି କି ________________________ ।

ଇତି,

________________________





ନିଜ ନାମ ଦସ୍ତଖତ କର ଆଉ କବି ସାଥିରେ ନିଜ କଥାକୁ ସମୟର ପଛକୁ ଉଡ଼ାଇ ଦିଅ!

# ପଞ୍ଜାବର ସିଂହୀ ଯିଏ ଇଂରେଜମାନଙ୍କ ବିରୋଧରେ ଗର୍ଜନ କରିଥିଲେ

**ଗୋଟିଏ ରାଜ୍ୟ ବିପଦରେ ଅଛି ଆଉ ସିଂହାସନରେ ବସିଛନ୍ତି ଜଣେ ଯୁବ ମହାରାଜା। ଇଂରେଜମାନେ ମାଡ଼ି ଆସୁଛନ୍ତି। ଏସବୁର କେନ୍ଦ୍ରରେ ଅଛନ୍ତି ଶିଖ୍ ସାମ୍ରାଜ୍ୟର ରାଜପ୍ରତିନିଧି ରାଣୀ ଜିନ୍ଦ୍ କୌର୍, ଯିଏ ଚୁପ୍ ରହିବାକୁ ମନା କରିଦେଇଛନ୍ତି।**

**ଦେଖନ୍ତୁ ତାଙ୍କର କାହାଣୀ, ଗୋଟିଏ ପରେ ଗୋଟିଏ ଫ୍ରେମ୍‌ରେ!**

ମହାରାଜା ରଣଜିତ୍ ସିଂହଙ୍କ ମୃତ୍ୟୁ ପରେ ଶିଖ୍ ସାମ୍ରାଜ୍ୟ ବିପଦରେ ପଡ଼ିଛି! ରାଣୀ ଜିନ୍ଦ୍ କୌର୍ ତାଙ୍କର ଛୋଟ ପୁଅ ଦୁଲୀପ୍ ସିଂହଙ୍କ ପାଇଁ ରାଜପ୍ରତିନିଧି ହେଲେ। ତେବେ, ଇଂରେଜମାନେ ତାଙ୍କୁ ଗୋଟେ ବାଧା ବୋଲି ଭାବୁଥିଲେ।







ପଞ୍ଜାବର ଲୌହ ମାନବୀ ଭାବରେ, ରାଣୀ ଜିନ୍ଦ୍ ସାହସର ସହିତ ଇଂରେଜମାନଙ୍କୁ ବିରୋଧ କରିଥିଲେ। ସେ ପଞ୍ଜାବର ସ୍ୱାଧୀନତା ରକ୍ଷା କରିବା ପାଇଁ ଖାଲସା ସେନାକୁ ଏକାଠି କରିଥିଲେ।



ଇଂରେଜମାନେ ତାଙ୍କର କୂଟନୀତି ଏବଂ ଲୋକଙ୍କ ଉପରେ ଥିବା ପ୍ରଭାବକୁ ଦେଖି ଭୟଭୀତ ହୋଇଯାଇଥିଲେ। ସେମାନେ ତାଙ୍କୁ 'ପଞ୍ଜାବର ବିଦ୍ରୋହୀ ରାଣୀ' ବୋଲି ଡାକୁଥିଲେ। ପଞ୍ଜାବର ବିରୋଧକୁ ଦବାଇବା ପାଇଁ ଦୃଢ଼ସଂକଳ୍ପବଦ୍ଧ ହୋଇ, ଇଂରେଜମାନେ 1847 ମସିହାରେ ତାଙ୍କୁ ଶେଖପୁରା ଦୁର୍ଗରେ ବନ୍ଦୀ କରି ରଖିଥିଲେ।







୧୮୪୯ ମସିହାରେ, ତାଙ୍କୁ ବାରଣାସୀ ପାଖରେ ଥିବା କଡ଼ା ସୁରକ୍ଷା ବଳୟରେ ଥିବା ଚୁନାର ଦୁର୍ଗକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ସେ ଏପ୍ରିଲ୍ ୧୮୪୯ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଥିଲେ।



ଜଣେ ଚାକରାଣୀ ବେଶରେ ସେ ଇଂରେଜମାନଙ୍କ କବଳରୁ ଖସି ପଳାଇଥିଲେ, ଯାହା ପ୍ରମାଣ କଲା ଯେ କୌଣସି ଶିକୁଳି ବା କାନ୍ଥ ତାଙ୍କ ମନୋବଳକୁ ଭାଙ୍ଗି ପାରିବ ନାହିଁ। ଗ୍ରାମବାସୀମାନେ ତାଙ୍କୁ ଲୁଚିଛପି ଶହ ଶହ ମାଇଲ୍ ଦୂର ନେପାଳ ଆଡ଼କୁ ଯିବାରେ ସାହାଯ୍ୟ କରିଥିଲେ, ଯେଉଁଠାରେ ସେ ନିଜ ଜୀବନର ୧୩ ବର୍ଷ ନିର୍ବାସନରେ କାଟିଥିଲେ।



# ତୁମେ ହେଉଛ ରାଜପ୍ରତିନିଧି!

ଜଣେ ରାଜପ୍ରତିନିଧି ହୁଏତ ମୁକୁଟ ପିନ୍ଧି ନପାରନ୍ତି, କିନ୍ତୁ ସେମାନେ ଏହା ସହିତ ଆସୁଥିବା ଦାୟିତ୍ୱକୁ ନିଶ୍ଚୟ ବହନ କରନ୍ତି।

ତୁମ ରାଜ୍ୟ ଏକ କଠିନ ପରିସ୍ଥିତିର ସମ୍ମୁଖୀନ ହେଉଛି, ଆଉ ସମସ୍ତେ ତୁମ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି।




## ତୁମେ କ'ଣ ବାଛିବ?

1. ଚୁପ୍ ରହିବ ଆଉ ବିବାଦରୁ ଦୂରେଇ ରହିବ
2. ରାଜ୍ୟକୁ ଅନ୍ୟ କାହା ହାତରେ ଛାଡ଼ିଦେବ
3. ଆଗକୁ ବଢ଼ିବ, ନେତୃତ୍ୱ ନେବ ଆଉ ନିଜ ରାଜ୍ୟକୁ ରକ୍ଷା କରିବ

## ତୁମେ ଏହି ନିଷ୍ପତ୍ତି କାହିଁକି ନେଲ?





# ଉପରକୁ ଦେଖ! ଗଛ ଉପରେ ଜଣେ ଯୋଦ୍ଧା ଅଛନ୍ତି!

ବର୍ଷଟି ହେଉଛି ୧୮୫୭, ଆଉ ମୁଁ ଲକ୍ଷ୍ନୌ ଆକାଶରେ ଉଡ଼ୁଛି। ହୁମ୍... ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଥିବା ସିକନ୍ଦର ବାଗର ସେହି ବିରାଟ ଓସ୍ତ ଗଛଟି ବିଶ୍ରାମ ନେବା ପାଇଁ ଏକଦମ୍ ଠିକ୍ ଜାଗା ଭଳି ଲାଗୁଛି।

ଟିକେ ରୁହ... ତଳେ ସେଠି କ'ଣ ହେଉଛି? ମୋତେ ବନ୍ଧୁକ ଫୁଟିବାର ଶବ୍ଦ ଶୁଭୁଛି! ଇଂରେଜ ସୈନ୍ୟମାନେ ଭାରତୀୟ ବିପ୍ଳବୀମାନଙ୍କ ଉପରକୁ ଗୁଳି ଚଳାଉଛନ୍ତି।

ଟିକେ ଅପେକ୍ଷା କର... ଏହି ଡାଳଗୁଡ଼ିକରେ କିଛି ହଲିଲା କି? କେହି ଜଣେ ସ୍ନାଇପର୍ ଧରି ଏହି ଗଛ ଉପରକୁ ଚଢ଼ୁଛନ୍ତି କି?! ସେ ଜଣେ ସୈନିକ ଭଳି ଦେଖାଯାଉଛନ୍ତି... କିନ୍ତୁ ରୁହ... ସେ କ'ଣ ଜଣେ ମହିଳା?!

ସେ କ'ଣ ଉଦା ଦେବୀ ପାସୀ ହୋଇପାରନ୍ତି? ସେହି ନିର୍ଭୀକ ବୀରାଙ୍ଗନା, ଯାହାଙ୍କ ବୀରତ୍ୱ ବିଷୟରେ ଲକ୍ଷ୍ନୌର ସମସ୍ତେ କଥା ହେଉଛନ୍ତି?

ଓହୋ! ଦେଖ, ପୁରୁଷ ବେଶରେ ସେ କେତେ ଚୁପଚାପ୍ ପତ୍ରଗୁଡ଼ିକ ଭିତରେ ଲୁଚି ରହିଛନ୍ତି, ତାଙ୍କ ସ୍ନାଇପର୍ ସ୍ଥିର ଆଉ ପ୍ରସ୍ତୁତ ଅଛି। ସେ ଲକ୍ଷ୍ୟ ସ୍ଥିର କଲେ ଆଉ ଢୋ! ଜଣେ ଇଂରେଜ ସୈନିକ ତଳେ ପଡ଼ିଗଲେ... ତା'ପରେ ଆଉ ଜଣେ... ଆଉ ତା'ପରେ ଆଉ ଜଣେ! ବାପ୍ ରେ, ତାଙ୍କୁ କେହି ଅଟକାଇ ପାରିବେନି! ପାଖାପାଖି ୩୦ ଜଣ ସୈନିକ ନିହତ ହେଲେଣି, ଆଉ ସେମାନଙ୍କ ଭିତରୁ କେହି ବି ଏହି ଗଛ ଉପରକୁ ଦେଖିବାକୁ ଭାବୁନାହାନ୍ତି। ଇଂରେଜମାନେ ସେହି ରହସ୍ୟମୟ ସ୍ନାଇପର୍‌କୁ ଖୋଜିବା ପାଇଁ ଏଣେତେଣେ ଧାଁ ଦଉଡ଼ କରୁଛନ୍ତି। ସେମାନେ ସବୁଆଡ଼େ ଖୋଜୁଛନ୍ତି, କିନ୍ତୁ ଏଠି ନୁହେଁ!

ଆରେ ନା... ଶେଷରେ ସେମାନେ ତାଙ୍କୁ ଦେଖିଦେଲେ! ସେମାନେ ତାଙ୍କ ଉପରକୁ ଗୁଳି ଚଳାଉଛନ୍ତି! ଉଦା ଦେବୀଙ୍କ ଦେହରେ ଗୁଳି ବାଜିଲା!!

ଇଂରେଜମାନେ ବିଜୟ ଉଲ୍ଲାସରେ ତାଙ୍କ ଆଡ଼କୁ ଦୌଡ଼ିଗଲେ, କିନ୍ତୁ ଆଶ୍ଚର୍ଯ୍ୟରେ ସ୍ଥାଣୁ ହୋଇଗଲେ। ଯେତେବେଳେ ସେମାନେ ତାଙ୍କ ହେଲମେଟ୍ ବାହାର କଲେ, ସେମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଯେ ଯେଉଁ ରହସ୍ୟମୟ ସ୍ନାଇପର୍ ସେମାନଙ୍କୁ ଚକମା ଦେଇଥିଲେ, ସେ ଆଦୌ ଜଣେ ପୁରୁଷ ନଥିଲେ, ବରଂ ସେ ଥିଲେ ବୀର ଉଦା ଦେବୀ।



**କି ମହାନ୍ ଯୋଦ୍ଧା! ସେ ପ୍ରମାଣ କରିଦେଲେ ଯେ ସାହସକୁ ଲିଙ୍ଗ ଦ୍ୱାରା ମପାଯାଏ ନାହିଁ, ବରଂ ଅସମ୍ଭବ ପରିସ୍ଥିତିରେ ବି ଠିକ୍ କଥା ପାଇଁ ଛିଡ଼ା ହେବାର ଶକ୍ତି ଦ୍ୱାରା ମପାଯାଏ।**





# ଔପନିବେଶିକ ଭାରତର ସମାଚାର (ଟାଇମ୍ସ ଅଫ୍ କଲୋନିଆଲ୍ ଇଣ୍ଡିଆ)

## ଖେରୀରୁ ସିଧାପ୍ରସାରଣ: ରାମଗଡ଼ର ରାଣୀଙ୍କ ଜବାବୀ ହମଲା!

ମୁଁ କବି, ମଧ୍ୟପ୍ରଦେଶର ଖେରୀ ଯୁଦ୍ଧକ୍ଷେତ୍ରରୁ ସିଧାପ୍ରସାରଣ କରୁଛି! ମୁଁ ଏକ ଓଉଁଲିଆ ବରଗଛ ଉପରେ ସୁରକ୍ଷିତ ଭାବେ ବସିଛି, ଆଉ ଏଠାରୁ କି ଅପୂର୍ବ ଦୃଶ୍ୟ ଦେଖାଯାଉଛି! ବୀର ଯୋଦ୍ଧାମାନଙ୍କର ଏକ ସେନାବାହିନୀର ନେତୃତ୍ୱ ନେଉଛନ୍ତି ରାଣୀ ଅବନ୍ତୀ ବାଈ ଲୋଧୀ। ସେ ନିର୍ଭୀକ ଓ ଦୃଢ଼ସଙ୍କଳ୍ପବଦ୍ଧ ମନେହେଉଛନ୍ତି, ଆଉ ଇଷ୍ଟ ଇଣ୍ଡିଆ କମ୍ପାନୀର ବିଶାଳ ସେନା ସାମ୍ନାରେ ମଥା ନୁଆଁଇବାକୁ ଆଦୌ ପ୍ରସ୍ତୁତ ନାହାନ୍ତି। ରୁହନ୍ତୁ... ଏଠି କିଛି ଅଦ୍ଭୁତ ଘଟୁଛି!

ରାଣୀ ନିଜ ସେନା ଗହଣରେ ଘୋଡ଼ା ଚଢ଼ି ବୁଲୁଛନ୍ତି, ଆଉ ସମସ୍ତଙ୍କୁ ମାତୃଭୂମି ପାଇଁ ଲଢ଼ିବାକୁ ଆହ୍ୱାନ ଦେଉଛନ୍ତି। ଏବଂ ଏବେ... ଯୁଦ୍ଧ ଆରମ୍ଭ ହୋଇଯାଇଛି!

ବ୍ରିଟିଶ ସୈନିକମାନେ ଭାବିଥିଲେ ଏହା ଏକ ସହଜ ବିଜୟ ହେବ। ଓଃ! ସେମାନେ କେଡ଼େ ବଡ଼ ଭୁଲ୍‌ରେ ଥିଲେ!! ରାଣୀ ଅବନ୍ତୀ ବାଈଙ୍କ ସେନା ଅସୀମ ସାହସ ଓ ଚତୁର ରଣନୀତି ସହ ଲଢୁଛି। ଏକ ଅପ୍ରତ୍ୟାଶିତ ଆକ୍ରମଣ କରି ସେମାନେ ବ୍ରିଟିଶ ସେନାକୁ ପଛକୁ ହଟିବାକୁ ବାଧ୍ୟ କରିଛନ୍ତି।

ବ୍ରିଟିଶ ବାହିନୀ ପଛଘୁଞ୍ଚା ଦେଉଛି! ହଁ, ଆପଣ ସଠିକ୍ ଶୁଣୁଛନ୍ତି!! ଖେରୀର ଏହି ଯୁଦ୍ଧ ରାଣୀ ଏବଂ ତାଙ୍କ ବୀର ଯୋଦ୍ଧାମାନଙ୍କ ପାଇଁ ଏକ ସ୍ମରଣୀୟ ବିଜୟ ପାଲଟିଛି। ସାରା ଯୁଦ୍ଧକ୍ଷେତ୍ରରେ ବିଜୟର ଜୟଜୟକାର ଗୁଞ୍ଜରି ଉଠୁଛି, କାରଣ ଲୋକେ ଏହି ସଫଳତାର ଉତ୍ସବ ପାଳୁଛନ୍ତି।



ଇଂରେଜମାନେ ପଛକୁ ଫେରିଯାଉଛନ୍ତି, ଆଉ ଖେରୀ ବିଜୟର ଗର୍ଜନ କରୁଛି! କି ଚମତ୍କାର ଯୁଦ୍ଧ ଆଉ କି ମହାନ୍ ରାଣୀ!

## ଯୁଦ୍ଧକ୍ଷେତ୍ର ରାପିଡ୍-ଫାୟାର୍ କୁଇଜ୍

**ତୁମକୁ ଲାଗୁଛି କି ତୁମେ କବିର ରିପୋର୍ଟକୁ ଧ୍ୟାନର ସହ ଶୁଣିଛ? ଚାଲ ଦେଖିବା!**

**୧. କବି କେଉଁଠାରୁ ରିପୋର୍ଟ କରୁଛି?**

କ) କିତ୍ତୁର  ଖ) ଖେରୀ  ଗ) ଲକ୍ଷ୍ନୌ  ଘ) ଅବଧ

**୨. ରାଣୀ ଅବନ୍ତୀ ବାଈ କେତେ ଜଣ ଯୋଦ୍ଧାଙ୍କ ନେତୃତ୍ୱ ନେଉଛନ୍ତି?**

କ) ୧,୦୦୦  ଖ) ୨,୦୦୦  ଗ) ୪,୦୦୦  ଘ) ୧୦,୦୦୦

**୩. କେଉଁ ରଣନୀତି ରାଣୀ ଅବନ୍ତୀ ବାଈଙ୍କ ସେନାକୁ ଇଂରେଜମାନଙ୍କୁ ପଛକୁ ଘୁଞ୍ଚାଇବାରେ ସାହାଯ୍ୟ କଲା?**

କ) ହଠାତ୍ ଆକ୍ରମଣ  ଖ) ଦୁର୍ଗ ଭିତରେ ଲୁଚିବା
ଗ) ରାତିରେ ନଦୀ ପାର ହେବା  ଘ) ଯୁଦ୍ଧ ହାତୀ ବ୍ୟବହାର କରିବା



# ପ୍ରିୟ ଡାଏରୀ, ଆଜି ମୁଁ ଏମିତି ଏକ ପତାକା ଉତ୍ତୋଳନ କଲି ଯାହା ଭାରତର ସ୍ୱପ୍ନକୁ ବହନ କରୁଥିଲା



ଆପଣ ଜାଣିଛନ୍ତି କି, ଆଜି ଆମେ ଯେଉଁ ଭାରତର ଜାତୀୟ ପତାକାକୁ ଗର୍ବର ସହ ଉଡ଼ାଉଛୁ, ତାହା ସଦାବେଳେ ଏମିତି ନଥିଲା? ଭାରତୀୟ ପତାକାର ପ୍ରାରମ୍ଭିକ ସଂସ୍କରଣଗୁଡ଼ିକ ମଧ୍ୟରୁ ଗୋଟିଏକୁ ବୀର ସ୍ୱାଧୀନତା ସଂଗ୍ରାମୀ ଭିଖାଜି କାମା, ୧୯୦୭ ମସିହା ଅଗଷ୍ଟ ୨୨ ତାରିଖରେ ଜର୍ମାନୀର ଷ୍ଟୁଟଗାର୍ଟଠାରେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତୀୟ ସୋସିଆଲିଷ୍ଟ କଂଗ୍ରେସରେ ଉନ୍ମୋଚନ କରିଥିଲେ। ସେହି ଐତିହାସିକ ମୁହୂର୍ତ୍ତ ବିଷୟରେ ମ୍ୟାଡାମ କାମାଙ୍କ ଏକ ଡାଏରୀର ପୃଷ୍ଠାକୁ ପଢ଼ିବା କଥା କଳ୍ପନା କରନ୍ତୁ, ଯେତେବେଳେ ସେ ବିଦେଶ ମାଟିରେ ଗର୍ବର ସହ ଭାରତର ପତାକା ଉଡ଼ାଇଥିଲେ।

ତାରିଖ: ୨୨ ଅଗଷ୍ଟ ୧୯୦୭

ସ୍ଥାନ: ଷ୍ଟୁଟଗାର୍ଟ, ଜର୍ମାନୀ

ଆଜିର ଦିନଟି ମୋ ଜୀବନର ସବୁଠାରୁ ସ୍ମରଣୀୟ ଦିନ ହୋଇ ରହିବ। ଅନେକ ଦେଶର ପ୍ରତିନିଧିମାନଙ୍କ ସମ୍ମୁଖରେ, ମୋର ପ୍ରିୟ ଭାରତର ପତାକା ଉନ୍ମୋଚନ କରିବାର ସୌଭାଗ୍ୟ ମୋତେ ମିଳିଥିଲା। ସେହି ପତାକାକୁ ମୋ ହାତରେ ଧରିବା ବେଳେ, ମୁଁ ବ୍ରିଟିଶ ଶାସନ ଅଧୀନରେ ନିର୍ଯାତିତ ହେଉଥିବା ମୋ ଦେଶର କୋଟି କୋଟି ଜନତାଙ୍କ ପ୍ରତିନିଧିତ୍ୱ କରିବାର ଏକ ବିଶାଳ ଦାୟିତ୍ୱ ଅନୁଭବ କରୁଥିଲି।

ଆଜି ସକାଳେ, ଯେତେବେଳେ ମୁଁ ଷ୍ଟୁଟଗାର୍ଟର ଶାନ୍ତ ରାସ୍ତାଗୁଡ଼ିକୁ ଦେଖୁଥିଲି, ମୋର ମନ ସୁଦୂର ମାତୃଭୂମିକୁ ସେହିକ୍ଷଣି ଧାଇଁଗଲା। ମୋର ମନେପଡ଼ିଗଲା ବମ୍ବେର ସେହି ଚହଳଚଞ୍ଚଳ ରାସ୍ତା, ପରିଶ୍ରମୀ ଚାଷୀକୂଳ, ନିଜ ସନ୍ତାନମାନଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଥିବା ମାଆମାନେ ଏବଂ ନୀରବରେ ଅନ୍ୟାୟ ସହୁଥିବା ସେହି ଅଗଣିତ ଲୋକଙ୍କ କଥା। ମୁଁ ଯଦିଓ ବହୁ ଦୂରରେ ଥିଲି, ତଥାପି ମୋର ହୃଦୟ ସମ୍ପୂର୍ଣ୍ଣ ରୂପେ ଭାରତ ସହିତ ହିଁ ଥିଲା।

ସଭାସ୍ଥଳକୁ ବାହାରିବା ପୂର୍ବରୁ, ମୁଁ ଆଉ ଥରେ ସେହି ପତାକାକୁ ଦେଖିଲି। ଅନେକଙ୍କ ପାଇଁ ଏହା ହୁଏତ ଏକ ସାଧାରଣ କପଡ଼ା ଖଣ୍ଡ ଛଡ଼ା କିଛି ହୋଇନଥିବ, କିନ୍ତୁ ମୋ ପାଇଁ ଏହା ସ୍ୱାଧୀନତା ଚାହୁଁଥିବା କୋଟି କୋଟି ଜନତାଙ୍କ ଆଶା, ତ୍ୟାଗ ଓ ସ୍ୱପ୍ନର ପ୍ରତୀକ ଥିଲା। ମୁଁ ପ୍ରାର୍ଥନା କଲି ଯେପରି ଗର୍ବର ସହ ମୋ କର୍ତ୍ତବ୍ୟ ସମ୍ପାଦନ କରିବାକୁ ମୋତେ ସାହସ ମିଳୁ।

ଦେଖୁ ଦେଖୁ ସେହି ସମ୍ମିଳନୀ ଗୃହ ବିଭିନ୍ନ ଦେଶର ପ୍ରତିନିଧିମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଗଲା। ମୁଁ ଅନୁଭବ କଲି ଯେ, ଅନେକ ଲୋକ ଭାରତର ସମୃଦ୍ଧ ସଭ୍ୟତାକୁ ପ୍ରଶଂସା କରୁଥିଲେ ମଧ୍ୟ, ବ୍ରିଟିଶ ଶାସନ କାଳରେ ଏଠାକାର ଅଧିବାସୀମାନେ ଭୋଗୁଥିବା କଷ୍ଟ ଓ ନିର୍ଯାତନାକୁ ବହୁତ କମ୍ ଲୋକ ବୁଝିପାରୁଥିଲେ।




ଯେତେବେଳେ ମୁଁ ମଞ୍ଚ ଉପରକୁ ଗଲି, ମୁଁ ଭାରତର ଗୌରବମୟ ଅତୀତ ଏବଂ ଏହାର ଯନ୍ତ୍ରଣାଦାୟକ ବର୍ତ୍ତମାନ ବିଷୟରେ କହିଥିଲି। ତା'ପରେ ମୋ ଜୀବନର ସବୁଠାରୁ ଗର୍ବର ମୁହୂର୍ତ୍ତ ଆସିଲା। ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହ, ମୁଁ ସେହି ସମାବେଶ ସମ୍ମୁଖରେ ଭାରତର ପତାକା ଉନ୍ମୋଚନ କଲି ଏବଂ ଘୋଷଣା କଲି, 'ଏହା ହେଉଛି ଭାରତର ସ୍ୱାଧୀନତାର ପତାକା। ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ଏହାକୁ ସମ୍ମାନ ଜଣାଇ ନିଜ ନିଜ ସ୍ଥାନରେ ଠିଆ ହୁଅନ୍ତୁ।' କିଛି ସମୟ ପାଇଁ ସାରା ପ୍ରେକ୍ଷାଳୟ ନିସ୍ତବ୍ଧ ହୋଇଗଲା। ତା'ପରେ ଜଣ ଜଣ କରି ସମସ୍ତ ପ୍ରତିନିଧି ଠିଆ ହେଲେ ଏବଂ ସାରା ଗୃହ କରତାଳିର ଶବ୍ଦରେ ପ୍ରକମ୍ପିତ ହୋଇଉଠିଲା।"

ମୁଁ ଜାଣେ ଯେ ଆଗକୁ ହୁଏତ ଆହୁରି ବଡ଼ କଷ୍ଟ ଓ ସଂଘର୍ଷ ଆସିପାରେ, କିନ୍ତୁ ମୋ ମନରେ କୌଣସି ଭୟ ନାହିଁ। ଯଦିଓ ଭାରତକୁ ସ୍ୱାଧୀନ ଦେଖିବା ପାଇଁ ମୁଁ ବଞ୍ଚି ନରହେ, ତଥାପି ମୋର ଦୃଢ଼ ବିଶ୍ୱାସ ଯେ ଆଗାମୀ ପିଢ଼ି ଏହି ସଂଗ୍ରାମ ଜାରି ରଖିବେ। ସେ ପର୍ଯ୍ୟନ୍ତ, ମୁଁ ମୋର ପ୍ରିୟ ମାତୃଭୂମିର ସେବା ପାଇଁ ମୋ ଜୀବନର ପ୍ରତିଟି ନିଶ୍ୱାସକୁ ଉତ୍ସର୍ଗ କରିବି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ପ୍ରତୀକକୁ ମିଳାନ୍ତୁ

ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେମାନେ ନିଜ ସହ ରଖୁଥିବା, ବ୍ୟବହାର କରିଥିବା କିମ୍ବା ସେମାନଙ୍କ ସହ ଜଡ଼ିତ କୌଣସି ଏକ ବିଶେଷ ଜିନିଷ ପାଇଁ ମନେ ରଖାଯାଏ...

ଯେମିତି କି ଏକ ଖଣ୍ଡା, ଏକ ପତାକା, ଏକ ଗଛ କିମ୍ବା ଏକ ମଶାଲ। ତଳେ ଦିଆଯାଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସେମାନଙ୍କର ସମ୍ବନ୍ଧିତ ପ୍ରତୀକଗୁଡ଼ିକ ସହିତ ମିଳାନ୍ତୁ।



| କଲମ୍ A | କଲମ୍ B |
| --- | --- |
| ରାଣୀ ଚେନ୍ନମ୍ମା |  |
| ଉଦା ଦେବୀ |  |
| ଭିକାଜୀ କାମା |  |
| ରାଣୀ ଜିନ୍ଦ୍ କୌର୍ |  |

# ପ୍ରୀତିଲତା ୱାଡେଦାର୍

## ୨୧ ବର୍ଷୀୟା ବିପ୍ଲବୀ ଯିଏ ବ୍ରିଟିଶ୍ କ୍ଷମତା ଉପରେ ଆକ୍ରମଣର ନେତୃତ୍ୱ ନେଇଥିଲେ



୧୯୩୨ ମସିହାର କଥା, ସେତେବେଳେ ଭାରତ ଉପରେ ବ୍ରିଟିଶମାନଙ୍କ ଶାସନ ଚାଲିଥିଲା। ଚାଟଗାଁ (ଯାହା ବର୍ତ୍ତମାନ ବାଂଲାଦେଶରେ ଅଛି) ଠାରେ, ପ୍ରୀତିଲତା ୱାଦେଦାର ନାମ୍ନୀ ଜଣେ ଯୁବତୀ ଏକ ବିଶେଷ ଅଭିଯାନ ପାଇଁ ପ୍ରସ୍ତୁତ ହେଉଥିଲେ, ଯାହା ତାଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବୀର ବିପ୍ଳବୀ ଭାବେ ଗଢ଼ିତୋଳିବାର ଥିଲା।

ପ୍ରୀତିଲତା ଏକ ମଧ୍ୟବିତ୍ତ ପରିବାରରେ ବଡ଼ ହୋଇଥିଲେ ଏବଂ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ସେ ଜଣେ ସ୍କୁଲ ଶିକ୍ଷୟିତ୍ରୀ ହୋଇଥିଲେ। ତେବେ, ବ୍ରିଟିଶ ଶାସନ କାଳରେ ଭାରତୀୟମାନେ ସହୁଥିବା ଅପମାନ ଓ ଅତ୍ୟାଚାରକୁ ସେ ଆଦୌ ସହ୍ୟ କରିପାରିନଥିଲେ। ନିଜ ଦେଶର ସ୍ୱାଧୀନତା ପାଇଁ ଲଢ଼ିବାକୁ ଦୃଢ଼ସଙ୍କଳ୍ପ କରି, ସେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ସୂର୍ଯ୍ୟ ସେନ (ଯିଏ 'ମାଷ୍ଟର-ଦା' ଭାବେ ଜଣାଶୁଣା ଥିଲେ) ଙ୍କ ନେତୃତ୍ୱରେ ପରିଚାଳିତ ବିପ୍ଳବୀ ସଂଗଠନରେ ଯୋଗ ଦେଇଥିଲେ।

ଏହି ବିପ୍ଳବୀ ସଂଗଠନରେ କଳ୍ପନା ଦତ୍ତ ନାମ୍ନୀ ଆଉ ଜଣେ ଯୁବ ବିପ୍ଳବୀ ମଧ୍ୟ ଥିଲେ। ସେ ସୂର୍ଯ୍ୟ ସେନଙ୍କ ସହ ଖୁବ୍ ନିକଟତର ହୋଇ କାମ କରୁଥିଲେ ଏବଂ ବିଭିନ୍ନ ବିପ୍ଳବାତ୍ମକ କାର୍ଯ୍ୟକଳାପର ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଥିଲେ। ପାହାଡ଼ତଳି ୟୁରୋପିଆନ୍ କ୍ଲବ୍ ଉପରେ ହେବାକୁ ଥିବା ଆକ୍ରମଣରେ କଳ୍ପନା ଅଂଶଗ୍ରହଣ କରିବାର ଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ, ଏହି ଅଭିଯାନ ପୂର୍ବରୁ ହିଁ ବ୍ରିଟିଶମାନେ ତାଙ୍କୁ ଗିରଫ କରିନେଇଥିଲେ, ଯେଉଁଥିପାଇଁ ସେ ଏଥିରେ ଭାଗ ନେଇପାରିନଥିଲେ। ଏହି ବଡ଼ ପ୍ରତିବନ୍ଧକ ସତ୍ତ୍ୱେ, ସେ ପ୍ରସ୍ତୁତ କରିଥିବା ଯୋଜନାଗୁଡ଼ିକ ଏହି ମିଶନ୍ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

ଏହି ଅଭିଯାନର ଲକ୍ଷ୍ୟ ଥିଲା ଚାଟଗାଁ ନିକଟରେ ଥିବା ପାହାଡ଼ତଳି ୟୁରୋପିଆନ୍ କ୍ଲବ୍। ଏହି କ୍ଲବ୍ ବ୍ରିଟିଶମାନଙ୍କ ଜାତିଗତ ଭେଦଭାବର ଏକ ପ୍ରତୀକ ପାଲଟିଥିଲା, କାରଣ ଏହା ବାହାରେ ଏକ ବୋର୍ଡ ମରାଯାଇଥିଲା ଯେଉଁଥିରେ ଲେଖାଥିଲା, 'କୁକୁର ଏବଂ ଭାରତୀୟମାନଙ୍କୁ ପ୍ରବେଶ ନିଷେଧ'। ଅନେକ ଭାରତୀୟଙ୍କ ପାଇଁ ଏହି କ୍ଲବ୍ ଔପନିବେଶିକ ଶାସନର ଅହଂକାର ଓ ଅନ୍ୟାୟର ପ୍ରତିରୂପ ଥିଲା।

୧୯୩୨ ମସିହା ସେପ୍ଟେମ୍ବର ୨୩ ତାରିଖ ରାତିରେ, ପ୍ରୀତିଲତା ସଶସ୍ତ୍ର ବିପ୍ଳବୀମାନଙ୍କର ଏକ ସଙ୍ଗଠନକୁ ସେହି କ୍ଲବ୍ ଆଡ଼କୁ ନେଇଯାଇଥିଲେ। ସନ୍ଦେହରୁ ବର୍ତ୍ତିବା ପାଇଁ ପୁରୁଷ ପୋଷାକରେ ଛଦ୍ମବେଶ ଧାରଣ କରି ସେ ଅତି ଚତୁରତାର ସହ ସମଗ୍ର ଅଭିଯାନର ପରିଚାଳନା କରିଥିଲେ। ଯେତେବେଳେ ବ୍ରିଟିଶ ଅଧିକାରୀ ଓ ସେମାନଙ୍କ ପରିବାର କ୍ଲବ୍ ଭିତରେ ଏକାଠି ହୋଇଥିଲେ, ସେତିକିବେଳେ ବିପ୍ଳବୀମାନେ ସେହି ବିଲ୍ଡିଂକୁ ଚାରିପଟୁ ଘେରି ଯାଇଥିଲେ ଏବଂ ବନ୍ଧୁକ ତଥା ବୋମା ସାହାଯ୍ୟରେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଗୁଳିର ଶବ୍ଦ ଏବଂ କାଚ ଭାଙ୍ଗିବା ଧ୍ୱନିରେ କ୍ଲବ୍ ଭିତରେ ଆତଙ୍କ ଖେଳିଯାଇଥିଲା। ବ୍ରିଟିଶ ଅତ୍ୟାଚାରର ପ୍ରତୀକ ଭାବେ ଦେଖାଯାଉଥିବା ଏହି କ୍ଲବ୍ ଉପରେ ବିପ୍ଳବୀମାନଙ୍କ ଆକ୍ରମଣ ଯୋଗୁଁ ଭିତରେ ଥିବା ଅନେକ ଲୋକ ଆହତ ହୋଇଥିଲେ।

ଯେତେବେଳେ ବିପ୍ଳବୀମାନଙ୍କ ସଙ୍ଗଠନ ପଛକୁ ହଟିବାକୁ ଆରମ୍ଭ କଲା, ସେତେବେଳେ ବ୍ରିଟିଶ ବାହିନୀ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହି ଗୁଳି ବିନିମୟ ସମୟରେ ପ୍ରୀତିଲତା ଏକ ଗୁଳି ବାଜି ଗୁରୁତର ଭାବେ ଆହତ ହୋଇଥିଲେ। ସେ ଜାଣିଥିଲେ ଯେ ଯଦି ସେ ଧରାପଡ଼ିଯାଆନ୍ତି, ତେବେ ତାଙ୍କୁ ପ୍ରବଳ ଶାରୀରିକ ନିର୍ଯାତନା ଓ ଜେରାର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାଦ୍ୱାରା ତାଙ୍କ ସହଯୋଗୀ ଏବଂ ସମଗ୍ର ବିପ୍ଳବୀ ଆନ୍ଦୋଳନ ବିପଦରେ ପଡ଼ିଯାଇପାରେ।

ଏଭଳି ପରିସ୍ଥିତି ପାଇଁ ପୂର୍ବରୁ ପ୍ରସ୍ତୁତ ଥାଇ, ସେ ନିଜ ପାଖରେ ଏକ ସିଆନାଇଡ୍ ବୋତଲ ରଖିଥିଲେ। ଇଂରେଜମାନଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ମନା କରି ପ୍ରୀତିଲତା ବିଷ ପିଇଦେଲେ ଆଉ କିଛି ସମୟ ପରେ ତାଙ୍କର ମୃତ୍ୟୁ ହେଲା। ସେତେବେଳେ ତାଙ୍କୁ ମାତ୍ର ୨୧ ବର୍ଷ ବୟସ ହୋଇଥିଲା।

ଯଦିଓ ଏହି ଆକ୍ରମଣ ଇଂରେଜ ଶାସନର ଅନ୍ତ ଘଟାଇ ନଥିଲା, ତଥାପି ଏହା ପ୍ରତିରୋଧର ଏକ ଦୃଢ଼ ପ୍ରତୀକ ପାଲଟିଥିଲା। ପ୍ରୀତିଲତା ୱାଡ୍ଡେଦାରଙ୍କ ବୀରତ୍ୱ ଅନେକ ଯୁବ ଭାରତୀୟଙ୍କୁ, ବିଶେଷ କରି ମହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ଅନୁପ୍ରାଣିତ କରିଥିଲା। କଳ୍ପନା ଦତ୍ତଙ୍କ ଭଳି ବିପ୍ଳବୀମାନଙ୍କ ସହିତ ମିଶି ସେ ଦେଖାଇ ଦେଇଥିଲେ ଯେ ସ୍ୱାଧୀନତା ସଂଗ୍ରାମ କେବଳ ବୟସ କିମ୍ବା ଲିଙ୍ଗ ମଧ୍ୟରେ ସୀମିତ ନଥିଲା। ଆଜି ବି ତାଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନିର୍ଭୀକ ଯୋଦ୍ଧା ଭାବରେ ମନେ ରଖାଯାଇଛି।





# ଗାଇଡିନଲ୍ୟୁ ପାମେଇ ଓରଫ୍ ରାଣୀ ଗାଇଡିନଲିଉ

**ନେତୃତ୍ୱ, ହେରାକା ଆନ୍ଦୋଳନ (୧୯୩୧-୧୯୩୨)**
**ଜେଲିଆଙ୍ଗରଙ୍ଗ ସମୁଦାୟ**

- ଜେଲିଆଙ୍ଗରଙ୍ଗ ଆନ୍ଦୋଳନର ମୂଳଦୁଆ ପକାଇଥିବା ମୋର ମାର୍ଗଦର୍ଶକ ହାଇପୁ ଯାଦୋନାଙ୍ଗଙ୍କ ମୃତ୍ୟୁ ପରେ ମାତ୍ର ୧୬ ବର୍ଷ ବୟସରେ ନେତୃତ୍ୱ ଗ୍ରହଣ କରିଥିଲି।
- ସ୍ଥାନୀୟ ପରମ୍ପରାର ସୁରକ୍ଷା ଏବଂ ବ୍ରିଟିଶ ଔପନିବେଶିକ ହସ୍ତକ୍ଷେପର ପ୍ରତିରୋଧ କରିବା ପାଇଁ ବିଭିନ୍ନ ଗ୍ରାମଗୁଡ଼ିକୁ ଏକାଠି କରିଥିଲି।
- ନିଜର ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରିଥିଲି।
- କଠିନ ସମୟରେ ମଧ୍ୟ ସାହସର ସହ ଠିଆ ହେବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିଥିଲି।

**ସ୍ୱାଧୀନତା ସଂଗ୍ରାମୀ (୧୯୩୧ - ୧୯୩୨)**
**ଭାରତୀୟ ସାମ୍ରାଜ୍ୟବାଦ-ବିରୋଧୀ ପ୍ରତିରୋଧ ଆନ୍ଦୋଳନ**

- ବ୍ରିଟିଶ୍ ଔପନିବେଶିକ ଶାସନ ବିରୋଧରେ ବିଦ୍ରୋହର ନେତୃତ୍ୱ ନେଇଥିଲି।
- କଠିନ ପରିସ୍ଥିତିରେ ସମସ୍ୟାର ସମାଧାନ କରିଥିଲି।
- ଗିରଫ ହେବା ପରେ ବି କେବେ ହାର୍ ମାନି ନଥିଲି।
- ୧୪ ବର୍ଷ ଜେଲରେ କାଟିଥିଲି, କିନ୍ତୁ ମୋ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସବୁବେଳେ ପ୍ରତିଶ୍ରୁତିବଦ୍ଧ ଥିଲି।

**ରାଜନୈତିକ ବନ୍ଦୀ** (୧୯୩୨- ୧୯୪୭)
ବ୍ରିଟିଶ୍ ଭାରତ

- 
  ପାଖାପାଖି ୧୫ ବର୍ଷ ଧରି ବନ୍ଦୀ ହୋଇ ରହିଥିଲି।
- ମୋର ଦୃଢ଼ତା ଆଉ ଲକ୍ଷ୍ୟ ପ୍ରତି ସମର୍ପଣ ଜରିଆରେ ବିଦ୍ରୋହ ପାଇଁ ପ୍ରେରଣା ଦେବା ଜାରି ରଖିଥିଲି।
- ଭାରତର ସ୍ୱାଧୀନତା ପରେ ଜଣେ ସମ୍ମାନିତ ଜାତୀୟ ବ୍ୟକ୍ତିତ୍ୱ ଭାବେ ଉଭା ହୋଇଥିଲି।

**ସମ୍ପ୍ରଦାୟର ନେତ୍ରୀ ଆଉ ସାଂସ୍କୃତିକ ପ୍ରବକ୍ତା (୧୯୪୭-୧୯୯୩)**
**ସ୍ୱାଧୀନ ଭାରତ**

- 
  ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ଆଉ ବିକାଶ ପାଇଁ କାମ କରିଥିଲି।
- ସ୍ଥାନୀୟ ପରମ୍ପରା ଆଉ ରୀତିନୀତିକୁ ବଞ୍ଚାଇ ରଖିବାକୁ ପ୍ରୋତ୍ସାହିତ କରିଥିଲି।
- ଶିକ୍ଷା, ଶାନ୍ତି ଆଉ ସାମାଜିକ ସଦ୍ଭାବନାକୁ ଉତ୍ସାହିତ କରିଥିଲି।

**ନମସ୍କାର! ମୁଁ ରାଣୀ ଗାଇଦିନଲ୍ୟୁ।**

**ଯଦି ଆମର ଏହି ଜୀବନଟା ଗୋଟିଏ ଭିଡିଓ ଗେମ୍ ହୋଇଥାନ୍ତା, ତେବେ ମୋ ପାଇଁ ସବୁଠାରୁ କଷ୍ଟକର ମିଶନ୍ ବା ଲେଭଲ୍‌ଟି ମାତ୍ର ୧୬ ବର୍ଷ ବୟସରେ (ଲେଭଲ୍ ୧୬) ହିଁ ଅନଲକ୍ ହୋଇଯାଇଥାନ୍ତା। ମୋର ସେହି ଅଭିଯାନ କ'ଣ ଥିଲା ଜାଣିଛନ୍ତି? ମୋ ଦେଶର ଲୋକଙ୍କୁ ସୁରକ୍ଷା ଦେବା, ଆମର ପରମ୍ପରାକୁ ବଞ୍ଚାଇ ରଖିବା ଏବଂ ବିଶ୍ୱର ସବୁଠାରୁ ବଡ଼ ସାମ୍ରାଜ୍ୟ ସାମ୍ନାରେ ମୁଣ୍ଡ ନୁଆଁଇବା ପରିବର୍ତ୍ତେ ଦୃଢ଼ତାର ସହ ଠିଆ ହେବା। ସେଠାରେ କୌଣସି ସର୍ଟକଟ୍ (ଚିଟ୍ କୋଡ୍) ନଥିଲା, ଖେଳକୁ ଅଟକାଇବା ପାଇଁ କୌଣସି ପଜ୍ ବଟନ୍ ନଥିଲା, କିମ୍ବା ପୁନର୍ଜୀବନ ପାଇବା ପାଇଁ କୌଣସି ବାଡ୍ ଜୀବନ ମଧ୍ୟ ନଥିଲା- ସେଠି ଥିଲା କେବଳ ସାହସ, ଚତୁରତା ଏବଂ ମିଳିତ ପ୍ରୟାସ।**

**ପ୍ରତ୍ୟେକ ଆହ୍ୱାନ ମୋତେ ଏହା ହିଁ ଶିଖାଇଛି ଯେ ମହାନ ନେତାମାନେ ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ନାହିଁ। ଯେତେବେଳେ ଅନ୍ୟମାନଙ୍କୁ ସେମାନଙ୍କର ସବୁଠାରୁ ବେଶୀ ଆବଶ୍ୟକତା ଥାଏ, ସେତେବେଳେ ସେମାନେ ନିଜେ ଆଗକୁ ମାଡ଼ି ଆସନ୍ତି।**

## ଆଲମା ମାଟର୍

### ଉନ୍ମୁକ୍ତ ପ୍ରକୃତିର କୋଳ, ଲଙ୍ଗକାଓ ଗ୍ରାମ, ମଣିପୁର

ସେଠାରେ କୌଣସି ଶ୍ରେଣୀଗୃହ, ଗୃହକାର୍ଯ୍ୟ (ହୋମୱାର୍କ) କିମ୍ବା ପ୍ରଗତିପତ୍ର (ରିପୋର୍ଟ କାର୍ଡ) ନଥିଲା। ମୋର ଗୁରୁ ଥିଲେ ମୋର ବୟୋଜ୍ୟେଷ୍ଠମାନେ, ମୋର ସମାଜ, ଘଞ୍ଚ ଜଙ୍ଗଲ ଏବଂ ମୁଁ ଜନ୍ମ ହୋଇଥିବା ପରିବେଶର ଦୈନନ୍ଦିନ ଆହ୍ୱାନଗୁଡ଼ିକ। ମୁଁ ପ୍ରତିଦିନ ଅନ୍ୟମାନଙ୍କ କଥା ଶୁଣି, ଅନୁଧ୍ୟାନ କରି, ଅଭ୍ୟାସ କରି ଏବଂ ସାହାଯ୍ୟ କରି ସବୁକିଛି ଶିଖିଥିଲି।

## ସମ୍ମାନ ଆଉ ପୁରସ୍କାର

ତାମ୍ର ପତ୍ର (୧୯୭୨)
ପଦ୍ମ ଭୂଷଣ (୧୯୮୨)
ବିବେକାନନ୍ଦ ସେବା ପୁରସ୍କାର (୧୯୮୩)
ସ୍ତ୍ରୀ ଶକ୍ତି ପୁରସ୍କାର (୧୯୯୧)
ଭଗବାନ ବିର୍ସା ମୁଣ୍ଡା ପୁରସ୍କାର (୧୯୯୬, ମରଣୋତ୍ତର)

"ରାଣୀ ଗାଇଡିନଲିଉ ପାଇଥିବା ପୁରସ୍କାରଗୁଡ଼ିକ ତାଙ୍କୁ କିଏ ପ୍ରଦାନ କରିଥିଲେ, ତୁମେ ଖୋଜି ବାହାର କରିପାରିବ କି?"

# ଏକ ଦକ୍ଷତାକୁ ସମର୍ଥନ କର

ତୁମେ ରାଣୀ ଗାଇଡିନଲିଉଙ୍କ ପ୍ରୋଫାଇଲ୍ ଦେଖିଲ। ତାଙ୍କର କେଉଁ ଦକ୍ଷତା ପାଇଁ ତୁମେ ତାଙ୍କୁ ସମର୍ଥନ କରିବ?

- ନେତୃତ୍ୱ
- ସାହସ
- ଦୃଢ଼ତା
- ସମ୍ପ୍ରଦାୟ

ଗୋଟିଏ ବାଛ ଆଉ ତୁମ ଉତ୍ତରକୁ ସମର୍ଥନ କରୁଥିବା ଗୋଟିଏ ଉଦାହରଣ ତାଙ୍କ କାହାଣୀରୁ ଲେଖ।

ମୁଁ________________ ବାଛିଲି କାରଣ

_____________________________________________

_____________________________________________.



# ଟକ୍ ସୋ: ବ୍ରିଟିଶ୍ ରାଜ୍ ବିରୋଧରେ ବିଦ୍ରୋହ



## ଏପିସୋଡ୍: ଯେଉଁ ଜେଜେମା କମାଲ୍ କଲେ

## ହୋଷ୍ଟ: କବି

## ଅତିଥି: ମାତଙ୍ଗିନୀ ହାଜରା




(ପଶ୍ଚିମବଙ୍ଗର ତମଲୁକର ଜଣେ ନିର୍ଭୀକ, ୭୩ ବର୍ଷୀୟା ସ୍ୱାଧୀନତା ସଂଗ୍ରାମୀ)

କବି: କେମିତି ଅଛନ୍ତି ସମସ୍ତେ? "ରେବେଲିଅନ୍ ଆଗେନଷ୍ଟ ଦି ରାଜ୍" (ବ୍ରିଟିଶ୍ ରାଜ୍ ବିରୋଧରେ ବିଦ୍ରୋହ) କୁ ଆପଣ ସମସ୍ତଙ୍କୁ ସ୍ୱାଗତ। ଆଜି ଆମେ ସିଧାସଳଖ ଔପନିବେଶିକ ବେଙ୍ଗଲ (ବଙ୍ଗଳା) ରୁ ଏହାର ପ୍ରସାରଣ କରୁଛୁ, ଏବଂ ଆମର ଆଜିର ଅତିଥି ଜଣେ ଏମିତି ବ୍ୟକ୍ତିତ୍ୱ, ଯିଏ ପ୍ରମାଣ କରିଦେଇଛନ୍ତି ଯେ ସାହସ ଦେଖାଇବା ପାଇଁ ବୟସର କୌଣସି ସୀମା ନଥାଏ। ଆସନ୍ତୁ ସ୍ୱାଗତ କରିବା ସେହି ମହାନ ବୀରା... ମାତଙ୍ଗିନୀ ହାଜରାଙ୍କୁ!

ମାତଙ୍ଗିନୀ: ନମସ୍କାର କବି। ଏକ ସ୍ୱାଧୀନ ଭାରତର ନାଗରିକମାନଙ୍କୁ ଦେଖି ମୋତେ ବହୁତ ଆନନ୍ଦ ମିଳୁଛି।

କବି: ନମସ୍କାର ମାତଙ୍ଗିନୀ-ଜୀ! ନା ମୁଁ ଆପଣଙ୍କୁ 'ଗାନ୍ଧୀ ବୁଢ଼ୀ' (Gandhi Buri) ବୋଲି ଡାକିବି? ଆପଣଙ୍କର ଏହି ଚମତ୍କାର ଡାକନାମଟି କେଉଁଠାରୁ ଆସିଲା?

ମାତଙ୍ଗିନୀ: ତୁମେ ମୋତେ ଗାନ୍ଧୀ ବୁଢ଼ୀ ବୋଲି ଡାକିପାର। ମୋ ଗାଁର ଲୋକମାନେ ମୋତେ ଏହି ନାମ ଦେଇଥିଲେ, କାରଣ ମୁଁ ସଦାବେଳେ ମହାତ୍ମା ଗାନ୍ଧୀଙ୍କ ଦେଖାଇଥିବା ମାର୍ଗରେ ଚାଲୁଥିଲି। ଯେତେବେଳେ ସେ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ, ମୁଁ ଚରଖାରେ ନିଜ ପାଇଁ ଖଦି କପଡ଼ା ବୁଣି ଏହି ଆନ୍ଦୋଳନରେ ଭାଗ ନେଇଥିଲି।

> "ଆପଣ ଖୋଜି ବାହାର କରିପାରିବେ କି, ବଙ୍ଗଳା ଭାଷାରେ 'ବୁଢ଼ୀ' (Buri) ର ଅର୍ଥ କ'ଣ?"

କବି: ଓଃ, ବୁଝିଲି! ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ଆପଣଙ୍କ ବୟସ ୭୩ ବର୍ଷ ଥିଲା। ସେହି ବୟସରେ ସାଧାରଣତଃ ଅଧିକାଂଶ ଲୋକ କେବଳ ଶାନ୍ତିରେ ଜୀବନ ବିତାଇବାକୁ ଚାହାନ୍ତି। ଏମିତି କ'ଣ ହେଲା ଯେ ଆପଣ ସ୍ଥାନୀୟ ପୋଲିସ ଷ୍ଟେସନକୁ କବଜା କରିବା ପାଇଁ ୬,୦୦୦ ଲୋକଙ୍କର ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ?

ମାତଙ୍ଗିନୀ: କବି, ଯେତେବେଳେ ତୁମ ପାଖରେ ସ୍ୱାଧୀନତା ନଥାଏ, ସେତେବେଳେ ତୁମେ ନିଜକୁ ବୃଦ୍ଧ ଅନୁଭବ କରୁନାହିଁ। ବରଂ, ତୁମ ଭିତରେ କେବଳ କ୍ରୋଧ ଜନ୍ମ ନିଏ। ବ୍ରିଟିଶ ସରକାର ଆମକୁ ଶୋଷଣ କରି ଆମର ସ୍ୱାଭିମାନକୁ ସମ୍ପୂର୍ଣ୍ଣ ରୂପେ ଦଳିଦେଇଥିଲେ। ୧୯୪୨ ମସିହା ସେପ୍ଟେମ୍ବର ୨୯ ତାରିଖରେ, ଆମେ ଆମ ସହରକୁ ମୁକ୍ତ କରିବା ପାଇଁ ଶୋଭାଯାତ୍ରା କରି ବାହାରିଥିଲୁ। ସେହି ଭିଡ଼ ବହୁତ ବଡ଼ ଥିଲା, ଯେଉଁଥିରେ ଅଧିକାଂଶ ମହିଳା ଏବଂ ଯୁବ ଛାତ୍ରଛାତ୍ରୀ ଥିଲେ।

କବି: କିନ୍ତୁ ପୋଲିସ ପାଖରେ ତ ମାରାତ୍ମକ ଅସ୍ତ୍ରଶସ୍ତ୍ର ଥିଲା, ହେଲେ ନାଁ? ଆପଣଙ୍କୁ ସେଠାରୁ ଦୌଡ଼ି ପଳାଇବାକୁ ଇଚ୍ଛା ହେଲାନି?

ମାତଙ୍ଗିନୀ: ଆଦୌ ନୁହେଁ। ଭିଡ଼ଟି କିଛି ସମୟ ପାଇଁ ଦ୍ୱିଧାରେ ପଡ଼ିଯାଇଥିଲା, ଏବଂ ମୁଁ ଜାଣିଥିଲି ସେମାନଙ୍କୁ ମୋର ଆବଶ୍ୟକତା ଅଛି। କାହାକୁ ନା କାହାକୁ ତ ସାହସ ଦେଖାଇବାକୁ ପଡ଼ିଥାନ୍ତା। ମୁଁ ଆଗକୁ ପାଦ ବଢ଼ାଇଲି, ଭାରତର ତ୍ରିରଙ୍ଗା ପତାକାକୁ ମୋ ମୁଣ୍ଡ ଉପରକୁ ଉଠାଇ ଉଚ୍ଚରେ ଧରିଲି ଏବଂ ଆଗକୁ ଚାଲିବାକୁ ଲାଗିଲି।



କବି: ଆଉ ତା'ପରେ କ'ଣ ହେଲା?

ମାତଙ୍ଗିନୀ: ତୁମେ କ'ଣ ଭାବୁଛ? ପୋଲିସ ଗୁଳି ଚଳାଇଲା। ଏକ ଗୁଳି ସିଧା ମୋର ଡାହାଣ ହାତରେ ବାଜିଲା। ମୋ ହାତଟା ସମ୍ପୂର୍ଣ୍ଣ ଅବଶ ହୋଇଗଲା, ତେଣୁ ମୁଁ ପତାକାକୁ ମୋର ବାମ ହାତକୁ ବଦଳାଇ ଦେଲି ଏବଂ "ବନ୍ଦେ ମାତରମ୍!" ଧ୍ୱନି ଦେଇ ଆଗକୁ ମାଡ଼ି ଚାଲିଲି।

କବି: ଗୁଳି ବାଜିବା ପରେ ବି?

ମାତଙ୍ଗିନୀ: ସେମାନେ ମୋତେ ଦ୍ୱିତୀୟ ଥର ପାଇଁ ମୋର ବାମ ହାତରେ ଗୁଳି କଲେ। ତଥାପି ମୁଁ ପତାକାଟିକୁ ତଳେ ପଡ଼ିବାକୁ ଦେଲି ନାହିଁ। ମୁଁ ଭାବିଲି: "ଯଦି ଏହି ପତାକା ମାଟିକୁ ଛୁଇଁଦିଏ, ତେବେ ତାର ଅର୍ଥ ହେବ ବ୍ରିଟିଶମାନେ ଜିତିଗଲେ।" ମୋ ଶରୀରରେ ଯେତିକି ବି ବଳ ବାକି ଥିଲା, ସେତିକିରେ ମୁଁ ପତାକାକୁ ମୋ ଛାତିରେ ଜାବୁଡ଼ି ଧରିଲି। ତୃତୀୟ ଗୁଳିଟି ସିଧା ମୋ ମୁଣ୍ଡରେ (କପାଳରେ) ବାଜିଲା। ମୁଁ ଯେତେବେଳେ ମାଟି ଉପରେ ପଡ଼ିଗଲି, ମୋର ଶେଷ ନିଶ୍ୱାସରେ କେବଳ ସେହି ଦୁଇଟି ଶବ୍ଦ ଥିଲା: ବନ୍ଦେ ମାତରମ୍। କିନ୍ତୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ପତାକା ସେମିତି ସଗର୍ବେ ଉଚ୍ଚାରେ ଉଡୁଥିଲା।

କବି: ଆପଣଙ୍କର ଏହି ଅସୀମ ସାହସ ଏବଂ ବଳିଦାନ ପାଇଁ ଆପଣଙ୍କୁ ସଦାସର୍ବଦା ସ୍ମରଣ କରାଯି[illegible] ବନ୍ଦେ ମାତରମ୍।



# ଗୋହପୁରର ସାହସୀ ଝିଅ

**କନକଲତା ବରୁଆ ଆସାମର ଜଣେ ୧୭ ବର୍ଷୀୟା ସ୍ୱାଧୀନତା ସଂଗ୍ରାମୀ ଥିଲେ।**

**୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ, ସେ ଭାରତୀୟ ପତାକା ଧରି ଗୋହପୁର ପୋଲିସ ଷ୍ଟେସନ ଅଭିମୁଖେ ଏକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ବ୍ରିଟିଶ ପୋଲିସ ଗୁଳି ଚଳାଇବା ପରେ ମଧ୍ୟ, ସେ ସଗର୍ବେ ତ୍ରିରଙ୍ଗାକୁ ଧରି ଶହୀଦ ହୋଇଥିଲେ ଏବଂ ସାହସ ଓ ଦେଶପ୍ରେମର ଏକ ଅମର ପ୍ରତୀକ ପାଲଟିଥିଲେ।**



ପାହିଲା ରାତି ଉଠିଲେ କନକଲତା,
କାମ ସାରି ସେ ହେଲେ ସଜବାଜ।
ହସିବା ଖେଳିବା ପାଇଁ ସେ ଯାଇନାହାନ୍ତି,
ଯାଇଛନ୍ତି ତଡ଼ିବାକୁ ବ୍ରିଟିଶ୍ ରାଜ୍!

ପାହିଲା ରାତି ଉଠିଲେ କନକଲତା,
କାମ ସାରି ସେ ହେଲେ ସଜବାଜ।
ହସିବା ଖେଳିବା ପାଇଁ ସେ ଯାଇନାହାନ୍ତି,
ଯାଇଛନ୍ତି ତଡ଼ିବାକୁ ବ୍ରିଟିଶ୍ ରାଜ୍!

"କରିବୁ ନଚେତ୍ ମରିବୁ!" ଡାକ ଦେଲେ ବୀରଗଣ,
ଆଗେ ଆଗେ କନକଲତା ଚାଲେ ଗର୍ବିତ ମନ।

ସୈନିକେ ଗର୍ଜିଲେ, "ଫେରିଯାଅ! ସାହସ କରନା!"
ହେଲେ ଚାରିଆଡ଼େ ଖେଳୁଥିଲା ମୁକ୍ତିର ଚେତନା।
ସେ ହସି କହିଲେ, "ଏ ପତାକା ସଦା ଉଡୁଥିବ,
ଭଲେ ଆଜି ମୋର ଏ ଜୀବନ ଚାଲିଯିବ।"

ହଠାତ୍ ଫୁଟିଲା ଗୁଳି, ପ୍ରଚଣ୍ଡ ଓ ତୀବ୍ର ଗତି,
ତଥାପି ଶେଷ ଯାଏଁ ଲଢ଼ିଲେ ସେହି ମହାନ ମୂର୍ତ୍ତି।
ଢଳିପଡ଼ିଲେ ମାଟିରେ ସେ, ହେଲେ ପତାକା ଥିଲା
ଉଚ୍ଚରେ,
ଲାଗୁଥିଲା ସତେ ଯେମିତି ଛୁଉଁଛି ସେ ବାଦଲରେ।

ଆଜି ବି ପବନ ଏହି କଥା ହିଁ କହୁଛି:
"ବୀର କନକଲତା ଆମକୁ ଆଗକୁ ବଢ଼ିବାକୁ ବାଟ
ଦେଖାଉଛି।"

# ଅତୀତର କିଛି ସୂତ୍ର / ପୁରୁଣା ଦିନର ସ୍ମୃତି

**ଏହି ଖେଳରେ, ଆପଣ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ତିନୋଟି ସୂତ୍ର ପାଇବେ। ଆପଣଙ୍କୁ ସୂତ୍ରଗୁଡ଼ିକୁ ମନଧ୍ୟାନ ଦେଇ ପଢ଼ିବାକୁ ହେବ ଏବଂ ସେହି ସଂଗ୍ରାମୀ ଜଣକ କିଏ, ତାହା ଅନୁମାନ କରିବାକୁ ହେବ।**

ଢଗ ୧

ମୁଁ ଥିଲି ଜଣେ ଶିକ୍ଷୟିତ୍ରୀ, ମେଧାବୀ ଓ ଉଦୀୟମାନ,
୨୧ ବର୍ଷ ବୟସରେ, ଆରମ୍ଭ କଲି ମୁଁ ଅଭିଯାନ।
ଏକ ଅନ୍ଧାରୀ ରାତିରେ ମୁଁ ନେଇଥିଲି ଆକ୍ରମଣର ନିଷ୍ପତ୍ତି,
ଯେଉଁ କ୍ଲବ୍ କରିଥିଲା ଆମ ଅଧିକାରର ଅବମାନନା ଓ କ୍ଷତି।
କୁହନ୍ତୁ ମୁଁ କିଏ?

______________________

ଢଗ ୨

ମଣିପୁରର ପାହାଡ଼ ଓ ଜଙ୍ଗଲରୁ ମୋର ହେଲା ଆଗମନ,
ଏକ ବିଶାଳ ସାମ୍ରାଜ୍ୟ ସାମ୍ନାରେ ହେଲିନି ମୁଁ ଅବନତ ମନ।
ବୟସ ମୋର ଛୋଟ ଥିଲା, ହେଲେ ଉତ୍ସାହ ଥିଲା ଅପାର,
ବିନା କୌଣସି ରାଜପରିବାରରେ ମୁଁ ପାଇଲି 'ରାଣୀ'ର ଆଦର।
କୁହନ୍ତୁ ମୁଁ କିଏ?

______________________



ଢଗ ୩

ମୁଁ ଥିଲି ଜଣେ ରାଣୀ, ହେଲେ ସିଂହାସନରେ ବସି ରହିଲିନି କେବେ,
ଗାଁକୁ ଗାଁ ବୁଲିଲି ମୁଁ, ଏକୁଟିଆ ନୁହେଁ ସମସ୍ତଙ୍କ ସହ ଏବେ।
ନିଜ ହକ ପାଇଁ ଲଢ଼ିବାକୁ ମୁଁ ଏକାଠି କଲି ଆମ ଜନତାଙ୍କୁ,
ଭୟଭୀତ କରିବା ପାଇଁ ସେହି ଶକ୍ତିଶାଳୀ ଶତ୍ରୁଙ୍କୁ।
କୁହନ୍ତୁ ମୁଁ କିଏ?

______________________

ଢଗ ୪

ସମସ୍ତେ ମୋତେ 'ବୁଢ଼ୀ' ଡାକନ୍ତି, ଧଳା ପୋଷାକ ହିଁ ମୋର ପରିଚୟ,
ଗୁଳି ବାଜିଲା ଯେବେ ଡାହାଣ ହାତେ, ବାମ ହାତେ ପତାକା ଧରିଲି ବିନା ଭୟ।
ମାଟିରେ ମୁଁ ଢଳିପଡ଼ିଲି, ହେଲେ ତ୍ରିରଙ୍ଗାକୁ ଛାତିରେ ଜାବୁଡ଼ି ରଖିଥିଲି ଧୀର।
କୁହନ୍ତୁ ମୁଁ କିଏ?



______________________

# ସ୍ୱାଧୀନତା ସଂଗ୍ରାମକୁ ମାନଚିତ୍ରରେ ଦେଖାନ୍ତୁ

ସାରା ଭାରତରେ, ଅଗଣିତ ବୀର ମହିଳାମାନେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ, ନିର୍ଭୀକ ଭାବେ ଲଢ଼ିଥିଲେ ଏବଂ ସମଗ୍ର ଦେଶକୁ ଅନୁପ୍ରାଣିତ କରିଥିଲେ

ପ୍ରତ୍ୟେକ ରାଜ୍ୟରେ ଲଢ଼ିଥିବା ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ସମ୍ବନ୍ଧିତ ରାଜ୍ୟ ପାଖରେ ଲେଖନ୍ତୁ।




**ରଙ୍ଗ ସୂଚୀ:**

- Punjab: ______
- Uttar Pradesh: ______
- Madhya Pradesh: ______
- West Bengal: ______
- Karnataka: ______
- Manipur: ______
- Assam: ______

**ସୁରାକ୍:**

ରାଣୀ ଚେନ୍ନମ୍ମା | ରାଣୀ ଜିନ୍ଦ୍ କୌର୍ | ଉଡ଼ ଦେବୀ | ରାଣୀ ଅବନ୍ତୀ ବାଈ ଲୋଧୀ | ମାତଙ୍ଗିନୀ ହାଜରା | ରାଣୀ ଗାଇଡିନଲିଉ | କନକଲତା ବରୁଆ

# ଇତିହାସ ଶିକ୍ଷା

## ପାଠ୍ୟପୁସ୍ତକ ବାହାରେ ଇତିହାସ

ଯେତେବେଳେ ଛାତ୍ରଛାତ୍ରୀମାନଙ୍କୁ ଔପନିବେଶିକ ଶାସନ ବିରୋଧରେ ପ୍ରତିରୋଧ ବିଷୟରେ ପଢ଼ାଯାଏ, ସେତେବେଳେ ସେମାନେ ପ୍ରାୟତଃ ପ୍ରସିଦ୍ଧ ନେତା ଏବଂ ଯୁଦ୍ଧଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥାନ୍ତି। ତେବେ, ଇତିହାସ କେବେବି କେବଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଗଢ଼ାଯାଇନଥାଏ। ପ୍ରତ୍ୟେକ ଜଣାଶୁଣା ନେତାଙ୍କ ପଛରେ ଏମିତି ଅନେକ ଲୋକ ଥାଆନ୍ତି, ଯେଉଁମାନଙ୍କର ପ୍ରୟାସକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ, ଭଲେ ହିଁ ଆଜି ସେମାନଙ୍କ ନାମ ବହୁଳ ଭାବରେ ମନେ ରଖାଯାଇ ନଥାଉ।
ଏହିପରି ଏକ ରୋଚକ କାହାଣୀ ଅଷ୍ଟାଦଶ ଶତାବ୍ଦୀର ତାମିଲନାଡୁରୁ ଆସିଥାଏ। ଶିବଗଙ୍ଗାର ରାଣୀ ଭେଲୁ ନାଚିୟାର୍ ନିଜର ସାମ୍ରାଜ୍ୟ ହରାଇଥିଲେ, ଯେତେବେଳେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ସହ ମିଶି କାମ କରୁଥିବା ସେନାବାହିନୀ ଏହାକୁ କବଜା କରିନେଇଥିଲେ। ହାର୍ ମାନିବା ପରିବର୍ତ୍ତେ, ସେ ନିଜ ଭୂମିକୁ ଫେରି ପାଇବା ପାଇଁ ବିଭିନ୍ନ ସଙ୍ଗଠନ ସହ ମେଣ୍ଟ ପ୍ରସ୍ତୁତ କରିବାରେ ଏବଂ ପ୍ରସ୍ତୁତି ଚଳାଇବାରେ ଅନେକ ବର୍ଷ ବିତାଇଥିଲେ। ସଂଘର୍ଷର ଏହି ସମସ୍ତ ବର୍ଷ ମଧ୍ୟରେ, ତାଙ୍କର ସବୁଠାରୁ ନିକଟତର ସହଯୋଗୀମାନଙ୍କ ମଧ୍ୟରୁ ଜଣେ ଥିଲେ କୁଇଲି, ଯିଏ ନିଜର ସାହସ ଏବଂ ନିଷ୍ଠା ପାଇଁ ଜଣେ ବିଶ୍ୱସ୍ତ ସେନାପତି ଭାବେ ଜଣାଶୁଣା ଥିଲେ।
ପ୍ରଚଳିତ କାହାଣୀ ଅନୁଯାୟୀ, କୁଇଲି ଏକ ଦୁଃସାହସିକ ଅଭିଯାନ ଚଳାଇ ବ୍ରିଟିଶମାନଙ୍କର ଏକ ଗୋଳାବାରୁଦ ଡିପୋକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲେ, ଯାହା ଶତ୍ରୁ ପକ୍ଷର ସେନାକୁ ଦୁର୍ବଳ କରିଦେଇଥିଲା ଏବଂ ଭେଲୁ ନାଚିୟାର୍ଙ୍କ ସେନାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଦେବାରେ ସାହାଯ୍ୟ କରିଥିଲା। କୁଇଲିଙ୍କ ଭଳି ବିଶ୍ୱସ୍ତ ସହଯୋଗୀମାନଙ୍କ ପ୍ରୟାସ ଯୋଗୁଁ, ଭେଲୁ ନାଚିୟାର୍ ଶେଷରେ ନିଜ ସାମ୍ରାଜ୍ୟ ଫେରି ପାଇଥିଲେ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀକୁ ସଫଳତାର ସହ ଚ୍ୟାଲେଞ୍ଜ କରିଥିବା ପ୍ରାରମ୍ଭିକ ଭାରତୀୟ ଶାସକମାନଙ୍କ ମଧ୍ୟରୁ ଜଣେ ପାଲଟିଥିଲେ।
ଏହିଭଳି କାହାଣୀଗୁଡ଼ିକ ଆମକୁ ସଦାବେଳେ ମନେ ପକାଇଦିଏ ଯେ ଇତିହାସ କେବଳ ରାଜା, ରାଣୀ, ଯୁଦ୍ଧ ଏବଂ ତାରିଖ ବିଷୟରେ ନୁହେଁ। ଏହା ସେହି ଅଗଣିତ ସାଧାରଣ ଲୋକଙ୍କ ବିଷୟରେ ମଧ୍ୟ, ଯେଉଁମାନଙ୍କର ସାହସ, କଠିନ ପରିଶ୍ରମ ଏବଂ ବଳିଦାନ ପ୍ରାୟତଃ ଉପେକ୍ଷିତ ହୋଇ ରହିଯାଏ।
ଛାତ୍ରଛାତ୍ରୀମାନଙ୍କୁ ଏହି ଚିନ୍ତାଧାରାକୁ ସେମାନଙ୍କ ନିଜ ଜୀବନ ସହିତ ଯୋଡ଼ିବାରେ ସାହାଯ୍ୟ କରିବା ପାଇଁ, ଶ୍ରେଣୀଗୃହରେ ଏକ 'ହିଡେନ୍ ହିରୋ ପ୍ରୋଜେକ୍ଟ' (ଲୁକ୍କାୟିତ ନାୟକ ପ୍ରକଳ୍ପ) ଚେଷ୍ଟା କରନ୍ତୁ। ଆପଣଙ୍କ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସ୍କୁଲ, ପଡ଼ୋଶୀ କିମ୍ବା ପରିବାରର ଏମିତି ଜଣେ ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରିବାକୁ କୁହନ୍ତୁ, ଯାହାଙ୍କ କାମ ଅନ୍ୟମାନଙ୍କୁ ସାହାଯ୍ୟ କରିଥାଏ, କିନ୍ତୁ ପ୍ରାୟତଃ କାହାରି ନଜରକୁ ଆସିନଥାଏ। ସେ ଜଣେ ଜେଜେବାପା/ଜେଜେମା, କିମ୍ବା ଜଣେ ସଫେଇ କର୍ମଚାରୀ ହୋଇପାରନ୍ତି, ଜଣେ ବସ୍ ଚାଳକ, ଜଣେ ଗ୍ରନ୍ଥାଗାରିକ (ଲାଇବ୍ରେରିଆନ୍), ଜଣେ ଜଗୁଆଳି, କିମ୍ବା ଏମିତି ଯେକୌଣସି ବ୍ୟକ୍ତି ଯାହାଙ୍କର ଅବଦାନ ସେମାନଙ୍କ ଜୀବନରେ ଏକ ସୁଧାର ଆଣିଥାଏ। ସେମାନେ ସଂକ୍ଷେପରେ ଏହି

ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ବୁଝାଇପାରିବେ:

- ଏହି ବ୍ୟକ୍ତି ଜଣକ କିଏ?
- ସେମାନେ କିପରି ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତି?
- ସେମାନଙ୍କର ଅବଦାନ କାହିଁକି ଗୁରୁତ୍ୱପୂର୍ଣ୍ଣ?

ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକ ବ୍ୟାପକ ପ୍ରଶ୍ନ ଉପରେ ଚିନ୍ତନ କରିବାକୁ ପ୍ରୋତ୍ସାହିତ କରନ୍ତୁ: ଇତିହାସର ଏମିତି କେତେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୁଏତ ବିସ୍ମୃତିର ଗର୍ଭରେ ହଜିଯାଇଥିବେ, କେବଳ ଏଇଥିପାଇଁ ଯେ ସେମାନଙ୍କର କାହାଣୀ କେବେ ଲିପିବଦ୍ଧ କରାଯାଇନଥିଲା?

କୁଇଲିଙ୍କ କାହାଣୀକୁ ନିଜ ଚାରିପାଖରେ ଥିବା ଏହି ଲୁକ୍କାୟିତ ନାୟକମାନଙ୍କ ସହ ଯୋଡ଼ିବା ଦ୍ୱାରା, ଛାତ୍ରଛାତ୍ରୀମାନେ ବୁଝିପାରିବେ ଯେ ଇତିହାସ କେବଳ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ଗଢ଼ାଯାଇନଥାଏ; ବରଂ ଏହା ସେହି ଅଗଣିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ମଧ୍ୟ ନିର୍ମିତ ହୋଇଥାଏ, ଯେଉଁମାନଙ୍କର ପ୍ରୟାସ ପ୍ରାୟତଃ କାହାରି ନଜରକୁ ଆସେନାହିଁ, କିନ୍ତୁ ଆମ ଚାରିପାଖର ଦୁନିଆ ଉପରେ ଏକ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ।






# ବୁକ୍ ରିଭ୍ୟୁ

## ପ୍ରଦୀପ ଚକ୍ରବର୍ତ୍ତୀଙ୍କ ମେଗା କୁଲ୍ ଲିଡର୍ସ

### ରୂପା ବାଲିଗା, ହାଉସ୍ ଫୁଲ୍ ଅଫ୍ ବୁକ୍ସଙ୍କ ଦ୍ୱାରା

ପ୍ରଦୀପ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଲିଖିତ ଏବଂ ମେଘା ବିଶ୍ୱନାଥଙ୍କ ଦ୍ୱାରା ଚିତ୍ରିତ ପୁସ୍ତକ "Mega Cool Leaders: Five Rulers Who Rocked India"। ଏହା 'ଏଫ୍.ଆଇ.ଏଚ୍.ସି.ଆର୍ ଯୁବା' (ଫାଉଣ୍ଡେସନ ଫର୍ ଇଣ୍ଡିଆନ୍ ହିଷ୍ଟୋରିକାଲ୍ ଆଣ୍ଡ କଲ୍‌ଚରାଲ୍ ରିସର୍ଚ୍ଚ) ର ସହଯୋଗରେ 'ବ୍ଲୁ-ୱାନ୍ ଇଙ୍କ୍' ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି। ଏହି ଜ୍ଞାନବର୍ଦ୍ଧକ ପୁସ୍ତକଟି ଭାରତର ସମୃଦ୍ଧ ଅତୀତର ପାଞ୍ଚଜଣ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଏବଂ ସେମାନଙ୍କର ଅସାଧାରଣ ଅବଦାନ ମାଧ୍ୟମରେ ଭାରତର ଇତିହାସକୁ କିପରି ଏକ ନୂଆ ରୂପ ଦେବାରେ ସାହାଯ୍ୟ କରିଥିଲେ, ସେ ବିଷୟରେ ଆଲୋଚନା କରିଥାଏ।

ଏହି ଆକର୍ଷଣୀୟ ସଂଗ୍ରହରେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପାଞ୍ଚଜଣ ଦୂରଦର୍ଶୀ ଜନନାୟକଙ୍କ କାହାଣୀ ରହିଛି। ଏହା ସମୟର ଚକ ପଛକୁ ଫେରାଇ ଏକ ରୋମାଞ୍ଚକର ଯାତ୍ରା କରାଇବା ସହ ଭାରତର ଇତିହାସ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଏହି ନେତାମାନଙ୍କର ଅବିଶ୍ୱସନୀୟ ଜୀବନୀକୁ ଉନ୍ମୋଚିତ କରିଥାଏ। ଏଥିରେ ଅଛନ୍ତି ଲଳିତାଦିତ୍ୟ ମୁକ୍ତାପୀଡ଼, ଯିଏ କାଶ୍ମୀରକୁ ଏକ ଅଭୂତପୂର୍ବ ଗୌରବ ପ୍ରଦାନ କରି ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ସହିତ ଏକ ସମୃଦ୍ଧ ଓ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ; ଏବଂ କୃଷ୍ଣଦେବରାୟ, ଯାହାଙ୍କ ଶାସନ ବିଜୟନଗରକୁ ଦକ୍ଷିଣ ଭାରତର ଏକ ଶକ୍ତିଶାଳୀ ସାଂସ୍କୃତିକ ଓ ରାଜନୈତିକ କେନ୍ଦ୍ର ଭାବେ ଗଢ଼ିତୋଳିଥିଲା ଏବଂ ସେ ନିଜ ପଛରେ ଏକ ଅମର କୀର୍ତ୍ତି ଛାଡ଼ି ଯାଇଛନ୍ତି। ସେହିପରି ଲଚିତ୍ ବରଫୁକନ୍, ଯାହାଙ୍କ ଦ୍ୱାରା ମୁଗଲମାନଙ୍କ କବଳରୁ ଆସାମର ସୁରକ୍ଷା କରିବାର କାହାଣୀ କିମ୍ବଦନ୍ତୀ ସଦୃଶ; ଏବଂ ଛତ୍ରପତି ଶିବାଜୀ, ଯାହାଙ୍କ ବିପ୍ଳବାତ୍ମକ ପଦକ୍ଷେପ 'ହିନ୍ଦାଭୀ ସ୍ୱରାଜ୍ୟ' ପ୍ରତିଷ୍ଠାର ମୂଳଦୁଆ ପକାଇଥିଲା। ଏହା ସହିତ ଅଛନ୍ତି ଅହଲ୍ୟାବାଈ ହୋଲକର, ଯାହାଙ୍କ ଦୟାଳୁ ଓ କରୁଣାମୟ ନେତୃତ୍ୱ ଫଳରେ ଇନ୍ଦୋର ଏକ ସମୃଦ୍ଧ ସାମ୍ରାଜ୍ୟରେ ପରିଣତ ହୋଇପାରିଥିଲା।

SCAN ME

ଏହି ପୁସ୍ତକଟି କେବଳ ସେହି ଶାସକମାନଙ୍କର ସାମରିକ ବିଜୟ ମାଧ୍ୟମରେ ଇତିହାସରେ ସେମାନଙ୍କର ସ୍ଥାନ କିପରି ସୁରକ୍ଷିତ ହେଲା ସେତିକି ଅନ୍ୱେଷଣ କରେ ନାହିଁ, ବରଂ ସେମାନଙ୍କର ଜ୍ଞାନ, ସଂଘର୍ଷ ଏବଂ ନିଷ୍ଠାକୁ ମଧ୍ୟ ପ୍ରକାଶ କରିଥାଏ। ସେମାନଙ୍କର ସ୍ମୃତି ଆଜିର ପିଢ଼ିକୁ ଅନୁପ୍ରାଣିତ କରିଚାଲିଛି ଏବଂ ଆମକୁ ସଂକଳ୍ପବଦ୍ଧତା, ସାହସ ଏବଂ ଦୂରଦର୍ଶୀ ନେତୃତ୍ୱ ଭଳି ବିଭିନ୍ନ ଗୁଣର ଚିରନ୍ତନ ଶିକ୍ଷା ପ୍ରଦାନ କରୁଛି। ଏହି ଆକର୍ଷଣୀୟ ବର୍ଣ୍ଣନାରେ ଉଭୟ ପିଲା ଏବଂ ପିତାମାତାଙ୍କ ପାଇଁ କିଛି ରୋଚକ କାର୍ଯ୍ୟକଳାପ (ଆକ୍ଟିଭିଟି) ଏବଂ ପ୍ରଶ୍ନୋତ୍ତରୀ (କ୍ୱିଜ୍) ସାମିଲ ରହିଛି। ସମୟର ଏହି ଅପୂର୍ବ ଯାତ୍ରାରେ ସାମିଲ ହେବା ପାଇଁ ଏବଂ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏହି ଅସାଧାରଣ ଶାସକମାନଙ୍କ କାହାଣୀକୁ ଜାଣିବା ପାଇଁ ଏହି ମନୋରଞ୍ଜକ ପୁସ୍ତକଟିକୁ ନିଶ୍ଚୟ ପଢ଼ନ୍ତୁ।

କୋମଳମତି ଶିଶୁମାନଙ୍କୁ ଏହି ମେଗା-କୁଲ୍ ପ୍ରଭାବଶାଳୀ ନେତାମାନଙ୍କ ବିଷୟରେ ପରିଚିତ କରାଇବା ଏବଂ କଥାବାର୍ତ୍ତା କରିବା ପାଇଁ ଏହି ବହିଟି ଏକ ଚମତ୍କାର ମାଧ୍ୟମ। ଏହା ଅତ୍ୟନ୍ତ ଆକର୍ଷଣୀୟ ଶୈଳୀରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କିଛି ନେତା ଏବଂ ସେମାନଙ୍କର ବିଶ୍ୱସ୍ତ ସହଯୋଗୀମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନ (ଡାଇଲଗ୍) ମଧ୍ୟ ରହିଛି; ଯେମିତି କି ରାଜା କୃଷ୍ଣଦେବରାୟ ଓ ତେନାଲି ରାମନ୍, କିମ୍ବା ଅହଲ୍ୟାବାଈ ହୋଲକର ଓ ତୁକୋଜି ରାଓଙ୍କ ଆଳାପ,

ଏହି ପୁସ୍ତକଟି ମୋ ପାଇଁ ଏବଂ ମୋର ୧୧ ବର୍ଷର ପୁଅ ପାଇଁ ବେଶ୍ ମନୋରଞ୍ଜକ ଓ ଆକର୍ଷଣୀୟ ପ୍ରମାଣିତ ହୋଇଛି। ଛତ୍ରପତି ଶିବାଜୀ ଏବଂ କୃଷ୍ଣଦେବରାୟଙ୍କ ଭଳି କିଛି ଜନନାୟକ ବେଶ୍ ଜଣାଶୁଣା ହୋଇଥିବା ବେଳେ, ଅନ୍ୟ କେତେକ ନେତାଙ୍କ ସ୍ମୃତି ହୁଏତ ବିସ୍ମୃତିର ଗର୍ଭରେ ହଜିଯାଇଛି କିମ୍ବା କେବଳ ସେମାନେ ଶାସନ କରୁଥିବା ଆଞ୍ଚଳିକ ସୀମା ମଧ୍ୟରେ ସୀମିତ ହୋଇ ରହିଯାଇଛି। ଏଭଳି ସ୍ଥିତିରେ ସେମାନଙ୍କୁ ଆଜି ସେମାନଙ୍କର ପ୍ରକୃତ ସମ୍ମାନ ଓ ପରିଚୟ ମିଳୁଥିବା ଦେଖି ହୃଦୟ ଆନନ୍ଦରେ ଭରିଯାଉଛି। ପୁସ୍ତକରେ ଥିବା ରୋମାଞ୍ଚକର କାର୍ଯ୍ୟକଳାପଗୁଡ଼ିକ (ଆକ୍ଟିଭିଟି) ବେଶ୍ ସୃଜନଶୀଳ ଓ ମଜାଦାର। ଏହି ବହିଟି ପାଠକମାନଙ୍କୁ ସେହି ଅନୁଭୂତି ଦେବାକୁ ଚେଷ୍ଟା କରେ ଏବଂ ଏହା ଭାବିବାକୁ ବାଧ୍ୟ କରେ ଯେ ଜଣେ ମହାନ ଶାସକ ହେବା ପାଇଁ ପ୍ରକୃତରେ କେଉଁ ସବୁ ଗୁଣର ଆବଶ୍ୟକତା ରହିଛି। ଏହି ସବୁ କାହାଣୀ ଲେଖିବା ପାଇଁ ବ୍ୟବହାର କରାଯାଇଥିବା ତଥ୍ୟର ଉତ୍ସଗୁଡ଼ିକ ପ୍ରତ୍ୟେକ ଅଧ୍ୟାୟର ଶେଷରେ ଉଲ୍ଲେଖ କରାଯାଇଛି, ଏହା ସହିତ ଅଧିକ ଜାଣିବା ପାଇଁ ଅନ୍ୟ କେଉଁ ସବୁ ବହି ପଢ଼ାଯାଇପାରିବ ତାହାର ସୂଚୀ ମଧ୍ୟ ଦିଆଯାଇଛି। ଏହି ପ୍ରଭାବଶାଳୀ ନେତାମାନେ ନିଶ୍ଚିତ ଭାବରେ ଇତିହାସର ଗତିପଥକୁ ବଦଳାଇ ଦେଇଥିଲେ ଏବଂ ନିଜ ପଛରେ ଏକ ଅମର କୀର୍ତ୍ତି ଛାଡ଼ି ଯାଇଛନ୍ତି। ସେମାନଙ୍କ ଦ୍ୱାରା ନିର୍ମିତ କିଛି ପ୍ରସିଦ୍ଧ ଐତିହାସିକ କୀର୍ତ୍ତିରାଜି ଆଜି ବି ବିଦ୍ୟମାନ ରହି ସେମାନଙ୍କ ଗୌରବର ଗାଥା ପ୍ରକାଶ କରୁଛି। ମୋଟାମୋଟି ଭାବେ କହିବାକୁ ଗଲେ, ଭାରତୀୟ ଇତିହାସ ବିଷୟରେ ଅଧିକ ଜାଣିବାକୁ ଆଗ୍ରହୀ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏହା ଏକ ସମ୍ପୂର୍ଣ୍ଣ ଉପଯୋଗୀ ପୁସ୍ତକ।

**ପରାମର୍ଶିତ ବୟସ: ଏହି ବହିଟି ୧୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଯେକୌଣସି ପିଲାଙ୍କ ପାଇଁ ଉପଯୁକ୍ତ।**

# ଯୁବାର ସୁପାରିଶ

## ଆମ ଅତୀତକୁ ଗଢ଼ିଥିବା କାହାଣୀଗୁଡ଼ିକର ଅନ୍ୱେଷଣ

1




### ମେଗା-କୁଲ୍ ନେତା: ଭାରତକୁ ଦୋହଲାଇ ଦେଇଥିବା ପାଞ୍ଚ ନେତା

**(ଡକ୍ଟର ପ୍ରଦୀପ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଲିଖିତ)**

ଭାରତର ପାଞ୍ଚଜଣ ଅସାଧାରଣ ଶାସକ—ଅହଲ୍ୟାବାଈ ହୋଲକର, କୃଷ୍ଣଦେବରାୟ, ଲଚିତ୍ ବରଫୁକନ୍, ଛତ୍ରପତି ଶିବାଜୀ ମହାରାଜ ଏବଂ ଲଳିତାଦିତ୍ୟ ମୁକ୍ତାପୀଡ଼ଙ୍କ ନେତୃତ୍ୱ, ସାହସ ଓ ଦୂରଦର୍ଶିତା ବିଷୟରେ ଜାଣନ୍ତୁ।

2




### ଦ ଫ୍ୟାସିନେଟିଂ ମହାରାଜାସ୍ ଅଫ୍ ଇଣ୍ଡିଆ

**(ଶ୍ରୀଲତା ମେନନ୍‌ଙ୍କ ଦ୍ୱାରା ଲିଖିତ)**

ଭାରତର ବିଭିନ୍ନ ଦେଶୀୟ ରାଜ୍ୟର (ପ୍ରିନ୍ସଲି ଷ୍ଟେଟ୍ସ) ୨୫ ଜଣ ଅସାଧାରଣ ଶାସକଙ୍କ ବିଷୟରେ ଜାଣନ୍ତୁ, ଯେଉଁମାନେ ଶିକ୍ଷା, ସ୍ଥାପତ୍ୟ ଏବଂ ସାଂସ୍କୃତିକ ଐତିହ୍ୟ କ୍ଷେତ୍ରରେ ବିଶେଷ ଅବଦାନ ଦେଇଛନ୍ତି। ଏହି ପୁସ୍ତକଟି ଭାରତର ରାଜକୀୟ ଅତୀତର ସ୍ମୃତି ଏବଂ ଏହାକୁ ଏକ ନୂଆ ରୂପ ଦେଇଥିବା ରାଜବଂଶଗୁଡ଼ିକର କୀର୍ତ୍ତିରାଜିର ଏକ ସମ୍ୟକ ଝଲକ ପ୍ରଦାନ କରିଥାଏ।

3




### ପ୍ରାଚୀନ ଭାରତର ସର୍ବୋତ୍ତମ ପୁସ୍ତକଗୁଡ଼ିକ

**(ଡକ୍ଟର ପ୍ରଦୀପ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଲିଖିତ)**

ପ୍ରାଚୀନ ଭାରତର ଚଉଦଟି ଏମିତି ପୁସ୍ତକ ବିଷୟରେ ଜାଣନ୍ତୁ, ଯାହା ବିଜ୍ଞାନ, ଗଣିତ, ଚିକିତ୍ସା ବିଜ୍ଞାନ, ସ୍ଥାପତ୍ୟ ଏବଂ କଳା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା।

4




### ଦ ବ୍ଲୁ ହର୍ସ ଏଣ୍ଡ ଅଦର ଆମେଜିଂ ଏନିମଲ୍ସ ଫ୍ରମ୍ ଇଣ୍ଡିଆନ ହିଷ୍ଟ୍ରି

**(ନନ୍ଦିନୀ ସେନଗୁପ୍ତାଙ୍କ ଦ୍ୱାରା ଲିଖିତ)**

ଭାରତର ଇତିହାସ ଏବଂ କିମ୍ବଦନ୍ତୀରେ ଏକ ଅଭୁଲା ଛାପ ଛାଡ଼ି ଯାଇଥିବା କିଛି ଅସାଧାରଣ ପଶୁପକ୍ଷୀଙ୍କ କାହାଣୀ ବିଷୟରେ ଜାଣନ୍ତୁ। ଏହି ବହିଟି ଇତିହାସର ସେହି ଅପୂର୍ବ ମୂକସାକ୍ଷୀମାନଙ୍କ ଆଖିରେ ଅତୀତର ଏକ ରୋମାଞ୍ଚକର ଯାତ୍ରା କରାଇଥାଏ।

# ଉତ୍ତର

**ଯୁଦ୍ଧକ୍ଷେତ୍ର ରାପିଡ୍-ଫାୟାର୍ କୁଇଜ୍**

୧. ଖ- ଖେରୀ
୨. ଗ- 4000
୩. କ- ଏକ ଅଚାନକ ଆକ୍ରମଣ

**ସ୍ୱାଧୀନତା ସଂଗ୍ରାମୀଙ୍କ ସହ ପ୍ରତୀକକୁ ମେଳ କର**

୧. ରାଣୀ ଚେନ୍ନମ୍ମା- ଖଣ୍ଡା
୨. ଉଦା ଦେବୀ- ଓସ୍ତ ଗଛ
୩. ଭିକାଜୀ କାମା- ଭାରତୀୟ ସ୍ୱାଧୀନତା ପତାକା
୪. ରାଣୀ ଜିନ୍ଦ୍ କୌର୍- ଶିଖ୍ ସାମ୍ରାଜ୍ୟ ପତାକା

**ଅତୀତରୁ ସୁରାକ୍**

ଢଗ ୧- ପ୍ରୀତିଲତା ୱାଡ୍ଡେଦାର
ଢଗ ୨- ରାଣୀ ଗାଇଡିନଲିଉ
ଢଗ ୩- ରାଣୀ ଅବନ୍ତୀ ବାଈ ଲୋଧୀ
ଢଗ ୪- କନକଲତା ବରୁଆ

**ସ୍ୱାଧୀନତା ସଂଗ୍ରାମକୁ ମ୍ୟାପ୍ କର**

ପଞ୍ଜାବ: ରାଣୀ ଜିନ୍ଦ୍ କୌର୍
ଉତ୍ତରପ୍ରଦେଶ: ଉଦା ଦେବୀ
ମଧ୍ୟପ୍ରଦେଶ: ରାଣୀ ଅବନ୍ତୀ ବାଈ ଲୋଧୀ
ପଶ୍ଚିମବଙ୍ଗ: ମାତଙ୍ଗିନୀ ହାଜରା
କର୍ଣ୍ଣାଟକ: ରାଣୀ ଚେନ୍ନମ୍ମା
ମଣିପୁର: ରାଣୀ ଗାଇଡିନଲିଉ
ଆସାମ: କନକଲତା ବରୁଆ

## ଆମର ସହଯୋଗୀମାନଙ୍କୁ

ବିଶେଷ ଧନ୍ୟବାଦ

**ଆର୍ଯ୍ୟା ପ୍ରସିଦ୍ଧ, ବାମିକା ଚୌରାସିଆ, ହିମାନୀ ସେଜୱାଲ୍, ହେମା ଧୁଲିପୁଡି, ମୋକ୍ଷଦା ଗୁପ୍ତା, ପଲ୍ଲବ ବୈରାଗ୍ୟ, ସୌଜେନ୍ଦ୍ର କୁମାର ପାତ୍ର, ସୁହାନୀ ମୁଦ୍‌ଗଲ।**



# କୃତଜ୍ଞତାର ସହ



ଭାବିଶ ଅଗ୍ରୱାଲ, ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ
- ଓଲା



ରାଜଲକ୍ଷ୍ମୀ ଅଗ୍ରୱାଲ, ଅଧ୍ୟକ୍ଷା
- ଓଲା ଫାଉଣ୍ଡେସନ୍



ଦେବେଶ ବର୍ମା, ମୁଖ୍ୟ
- ଓଲା ଫାଉଣ୍ଡେସନ୍

ଆମେ ଭବିଷ ଅଗ୍ରୱାଲ, ରାଜଲକ୍ଷ୍ମୀ ଅଗ୍ରୱାଲ, ଦେବେଶ ବର୍ମା ଏବଂ ଓଲା ଫାଉଣ୍ଡେସନ୍ (Ola Foundation) ନିକଟରେ କୃତଜ୍ଞ, ଯାହାଙ୍କର ଉଦାର ସହାୟତା ଆମକୁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ରୂପ ଦେବାରେ ସକ୍ଷମ କରିଥାଏ।

OLA FOUNDATION

## ୟୁଭା ଆଉଟରିଚ୍ ପାର୍ଟନର୍ସ

Friends of Tribals Society

isha VIDHYA Educating Rural India

WHO VR

NAAV AI

ଆମ ସମ୍ପ୍ରଦାୟରେ ଯୋଗ ଦିଅନ୍ତୁ

ଆମକୁ ଫଲୋ କରନ୍ତୁ